# ଦେବ ଦମ୍ପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ

ସାକ୍ଷୀଗୋପାଳ,୮।୬(ସମିସ): ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ଗ୍ରାମରେ ପ୍ରସିଦ୍ଧ ଚମ୍ପକ ଦ୍ୱାଦଶୀ ପର୍ବ, ଦେବ ଦମ୍ପତିଙ୍କ ବିବାହୋତ୍ସବ ଓ ମନ୍ଦିର ପ୍ରତ୍ୟାବର୍ତ୍ତନ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଚଳିତ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଏକାଦଶୀ ରାତ୍ରିରେ ଗ୍ରାମର ଇଷ୍ଟ ଦେବତା ଗୋପୀନାଥଦେବଙ୍କ ମନ୍ଦିର ପରିସରରେ ମୂଳ ଅଳସା ମୌଜାରେ ବିରାଜିତ ବାବା ଅନନ୍ତେଶ୍ୱର ଦେବଙ୍କ ମଧ୍ୟସ୍ଥତାରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ସହ ରୁକ୍ମିଣୀଙ୍କ ବିବାହ ଉତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଥିଲା। ଚମ୍ପକ ଦ୍ୱାଦଶୀ ତିଥିରେ ତିନିଟି ସୁସଜ୍ଜିତ ମଣି ବିମାନରେ ଶ୍ରୀକୃଷ୍ଣ-ରୁକ୍ମିଣୀ, ମା’ ମଣିନାଗ, ଦୁର୍ଗା, କନକ ଦୁର୍ଗା ଏବଂ ବାବା ଅନନ୍ତେଶ୍ୱର ଦେବଙ୍କୁ ବିରାଜମାନ କରାଇ ବାଜା, ରୋଷଣୀର ବର୍ଣ୍ଣାଢ୍ୟ ଶୋଭାଯାତ୍ରାର ଏକ ବିରାଟ ପଟୁଆରରେ ଦ୍ୱାରି ଭୋଗ ପୂଜା ବନ୍ଦାପନା ସହ ଗ୍ରାମ ପରିକ୍ରମା କରାଯାଇଥିଲା। ତ୍ରୟୋଦଶୀ ତିଥି ଅବସରରେ ଅପରାହ୍ଣରେ ମନ୍ଦିର ଅଭିମୁଖେ ଫେରୁଥିବା ଦେବ ଦମ୍ପତି ଠାକୁରମାନଙ୍କୁ ଖୁଣ୍ଟିଲାଗି କରାଯାଇଥିଲା। ଚତୁର୍ଥ ଓ ତୃତୀୟ ଖଣ୍ଡି ମଧ୍ୟରେ ରେଳ ଧାରଣା ନିକଟରେ ଓ ଦ୍ୱିତୀୟ ଓ ପ୍ରଥମ ଖଣ୍ଡି ମଧ୍ୟରେ କେନାଲ ବନ୍ଧ ନିକଟରେ ଖଣ୍ଡି ଗ୍ରାମବାସୀମାନେ ଖୁସି ମନାଇ ନୂଆ ନାଲି ଗାମୁଛା ଉଡ଼ାଇଥିଲେ। ଏହିପରି ଆନନ୍ଦ ଉତ୍ସାହ ମଧ୍ୟରେ ଚଳିତ ବର୍ଷ ଚମ୍ପକ ଦ୍ୱାଦଶୀ ଯାତ୍ରା ପାରମ୍ପରିକ ରୀତିରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଶାସନ ତରଫରୁ କଟକଣା ଜାରି କରାଯାଇଥିବାରୁ ଚଳିତ ବର୍ଷ ପ୍ରସିଦ୍ଧ କାଠ ଚକ୍ର ବାଣ ପ୍ରଦର୍ଶନ ଓ ପ୍ରତିଯୋଗିତା ବନ୍ଦ ରହିଥିଲା।

### ଜୟଗୋପାଳ ଦେବଙ୍କ ବିବାହ ଉତ୍ସବ ସମ୍ପନ୍ନ

# କାଠଚକ୍ରରେ କମ୍ପିଲା ଦାଣ୍ଡମୁକୁନ୍ଦପୁର



ପିପିଲି,୮।୬(ସମିସ): ପୁରୀ ଜିଲ୍ଲା ପିପିଲି ନିକଟବର୍ତ୍ତୀ ଦାଣ୍ଡମୁକୁନ୍ଦପୁର ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଗୋପାଳଦେବଜୀଉଙ୍କ ବିବାହ ଉତ୍ସବ ପରେ ତ୍ରିଦେବଙ୍କ ଗାଁ ପରିକ୍ରମା ଓ ଶେଷରେ ପ୍ରସିଦ୍ଧ ବାଣଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ପ୍ରଭୁ ଶ୍ରୀଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ ଶ୍ରୀକୃଷ୍ଣ ଓ ରୁକ୍ମିଣୀ ଦେବୀଙ୍କ ମଧ୍ୟରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚମ୍ପକ ଦ୍ୱାଦଶୀ ରାତିରେ ପୃଥକ୍ ପୃଥକ୍ ସୁସଜ୍ଜିତ ବିମାନରେ ଶ୍ରୀଗୋପୀନାଥ ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀନୀଳକଣ୍ଠେଶ୍ୱର ଦେବ, ଶ୍ରୀବାଲୁଙ୍କେଶ୍ୱରଦେବଙ୍କୁ ଉପବେଶନ କରାଯାଇ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଠାକୁରମାନଙ୍କୁ ଏହି ସମୟରେ ଘର ଘର ଦ୍ୱାରି ଭୋଗ ଅର୍ପଣ କରାଯାଇଥିଲା। ଗ୍ରାମ ପରିକ୍ରମା କରି ସାରିବା ପରେ ଠାକୁରମାନେ ବାଣମରା ଛକଠାରେ ଥିବା ପଥର ଖମ୍ବ ମଣ୍ଡପରେ ଉପବେସନ ହୋଇଥିଲେ। ରବିବାର ତ୍ରୟୋଦଶୀ ତିଥିରେ ଠାକୁରମାନଙ୍କ ସମ୍ମୁଖରେ ବିଭିନ୍ନ ପ୍ରକାର ବାଣ (ଆତସବାଜି) ଫୁଟା ଯାଇଥିଲା। ବିଭିନ୍ନ ବ୍ରାହ୍ମଣ ପରିବାର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା କାଠଚକ୍ର ଏଠାରେ ମୁଖ୍ୟ ଆକର୍ଷଣ ପାଲଟିଥିଲା।

ଏହି କାଠଚକ୍ର ବ୍ରାହ୍ମଣ ପରିବାରଙ୍କ ପକ୍ଷରୁ ନିଜ ଦ୍ୱାରା ଏକ ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ କରାଯାଇଥାଏ। ବାରୁଦ ପ୍ରସ୍ତୁତିଠାରୁ କାଠଚକ୍ର ବାଡ଼େଇବା କାର୍ଯ୍ୟ ନିଜ ନିଜ ଘରେ ଥିବା ବଂଶାନୁକ୍ରମିକ ପୋଥି ଅନୁସାରେ ବ୍ରାହ୍ମଣ ମହାଜନମାନେ କରିଥାନ୍ତି। ବାଣଯାତ୍ରା ପାଇଁ ସମଗ୍ର ଦାଣ୍ଡମୁକୁନ୍ଦପୁର ଅଞ୍ଚଳ ଉତ୍ସବମୁଖର ହୋଇ ପଡ଼ିଥିଲା। ହଜାର ହଜାର ଲୋକ ବାଣମରା ଛକଠାରେ ଏକତ୍ରିତ ହୋଇ ଠାକୁରମାନଙ୍କୁ ଦର୍ଶନ କରିବା ସହିତ କାଠଚକ୍ର ପ୍ରଦର୍ଶନକୁ ଉପଭୋଗ କରିଥିଲେ। ଏ ବର୍ଷ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପିପିଲି ଥାନା ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଥିବାବେଳେ ଭୋଗୁଆବାଙ୍କ-ପିପିଲି ରାସ୍ତାରେ ଭାରୀଯାନ ଚଳାଚଳକୁ ବନ୍ଦ କରାଯାଇ ବାଇପାସ୍ ରାସ୍ତାରେ ସବୁ ଯାନକୁ ଛଡ଼ା ଯାଇଥିଲା। କାଠଚକ୍ର ଲାଗୁଥିବା ଦୁଇଟି ସ୍ଥାନର ଚତୁଃପାର୍ଶ୍ୱରେ ତାର ଜାଲିରେ ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା। ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଆଶୁ ଚିକିତ୍ସାକେନ୍ଦ୍ର, ଜଳଛତ୍ର ଓ ସୂଚନା କେନ୍ଦ୍ର ଖୋଲାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ବାଣମରା ସ୍ଥାନରେ ଅଗ୍ନିକମାନଙ୍କୁ ମୁତୟନ କରାଯାଇଥିଲା। ବାଣଯାତ୍ରା ଦେଖିବା ପାଇଁ ଦାଣ୍ଡମୁକୁନ୍ଦପୁର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିଲା। ଏହି ବାଣଯାତ୍ରା ଅପରାହ୍ଣ ୩ଟା ୫୦ରୁ ଆରମ୍ଭ ହୋଇଥିବାବେଳେ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶାସନିକ ଓ ଯାତ୍ରା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିବାବେଳେ ମୋଟ୍ ୩୪ଟି କାଠଚକ୍ର ବାଣ ପ୍ରଦର୍ଶନ ହୋଇଥିଲା।

# ଦେଶବନ୍ଧୁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



ନୟାହାଟ,୮।୬(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ବାଉଲାଙ୍ଗ ପଞ୍ଚାୟତର ଦେଶବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ କୋରୁଆଳ ପଞ୍ଚେଣାରେ ୫୦ତମ ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ସ୍ୱର୍ଣ୍ଣିଳ ଦେଶବନ୍ଧୁ ପୁସ୍ତକ ଉନ୍ମୋଚିତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସାଂସଦ ଦେବାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ କିଟ୍‌ର ପ୍ରତିଷ୍ଠାତା ଚିତ୍ତରଞ୍ଜନ ମିଶ୍ର, ଗୋପ ବ୍ଲକ୍ ଅଧ୍ୟକ୍ଷା ଝୁନାରାଣୀ ମଲ୍ଲିକ, ସମାଜସେବୀ ଦିଲ୍ଲୀପ କୁମାର ନାୟକ, ପ୍ରଶାସନିକ ଅଧିକାରୀ ପ୍ରଭାତ ତରାଇ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ଅଭାବ ଓ ଅସୁବିଧା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ଅତିଥି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଅବସରପ୍ରାପ୍ତ ଶିକ୍ଷକ ଭ୍ରମରବର ସାହୁ, ବାଲୁଙ୍କେଶ୍ୱର ମୁରୁଡ଼ି, ଧନେଶ୍ୱର ବେଉରା, ପ୍ରଭାକର ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ନିକୁଞ୍ଜ ବିହାରୀ ସାହୁ, ବସନ୍ତ କୁମାର ପାଢ଼ୀ, ରମେଶ ଚନ୍ଦ୍ର ସୁନ୍ଦରରାୟ ପ୍ରମୁଖ ଅବସପ୍ରାପ୍ତ ଶିକ୍ଷକମାନଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯୭୪ ମସିହାରୁ ଉକ୍ତ ସ୍କୁଲ ପ୍ରତିଷ୍ଠା ଚାରୋଟି ମୌଜା କରମଙ୍ଗା, ପଞ୍ଚେଣା, ଅଲଣା, କୋରୁଆଳ ଲୋକଙ୍କ ଦ୍ୱାରା କରାଯାଇଥିଲା।

### ● ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି

# ଅଘୋଷିତ ବିଦ୍ୟୁତ୍ କାଟ୍; ଜନଜୀବନ ଅସ୍ତବ୍ୟସ୍ତ

କଣାସ,୮।୬(ସମିସ):

ଗତ କିଛିଦିନ ହେଲା ରୌଦ୍ରତାପ ବୃଦ୍ଧି ଏବଂ ଅସହ୍ୟ ଗୁଳୁଗୁଳି ଯୋଗୁଁ ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକ୍‌ର ଜନସାଧାରଣ ୮ ଦିନ ହେଲା ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ମଝିରେ ମଝିରେ ଅଘୋଷିତ ବିଦ୍ୟୁତ୍ କାଟ୍ ହୋଉଥିବାରୁ ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଉଛି। ରବିବାର ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେଉଥିବାବେଳେ ଦିନ ୧ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଦୀର୍ଘ ସାଢ଼େ ୩ ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହୋଇଥିବାରୁ ଜନସାଧାରଣଙ୍କ ଯନ୍ତ୍ରଣା କହିଲେ ନସରେ। ଅନେକ ପରିବାର ସଦସ୍ୟ ଘରେ ନ ରହି ବିଭିନ୍ନ ଗଛମୂଳେ ଆଶ୍ରୟ ନେଇଥିଲେ। ଗଛ ମୂଳ ମଧ୍ୟ ସେମାନଙ୍କୁ ଶାନ୍ତି ଦେଇପାରି ନାହିଁ। କାରଣ ଗଛରେ ଥିବା କୀଟପତଙ୍ଗମାନେ ଅସହ୍ୟ ରୌଦ୍ରତାପ ସହ୍ୟ ନ କରି ଗଛମୂଳକୁ ଚାଲି ଆସୁଥିବାରୁ ଏଠାରେ ଆଶ୍ରୟ ନେଇଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଦ୍ୟୁତ୍ କାଟ୍ ସମ୍ପର୍କରେ କଣାସ ବିଦ୍ୟୁତ୍ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ପଚାରିବାରୁ ସେମାନେ କୁହନ୍ତି, କୁମୁଡାଳ ନିକଟରେ ଏକ ପାହଡ଼ରେ ବିଦ୍ୟୁତ୍ ଖୁଣ୍ଟରୁ ତାର କଟିଯିବା ଯୋଗୁଁ ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଛି।

ପ୍ରକାଶ ଯେ, ଖୋର୍ଦ୍ଧାଠାରୁ ତିରିମଲ, ଡେଲାଙ୍ଗ ଦେଇ ଦୀର୍ଘ ୪୫ କିଲୋମିଟର ଅତିକ୍ରମ କରି କଣାସକୁ ୧୯୭୫ ମସିହାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ଦୀର୍ଘ ୪୫ କିଲୋମିଟର ବିଦ୍ୟୁତ୍ ତାର ଆସିଥିବାରୁ ଅନେକ ସମୟରେ ବିଦ୍ୟୁତ୍ ତାର ଛିଣ୍ଡି ପଡୁଥିବାରୁ ବହୁ ସମୟ ଧରି କଣାସ ଅଞ୍ଚଳ ଅନ୍ଧାରରେ ରହୁଛି। କଣାସଠାରେ ଏକ ବିଦ୍ୟୁତ୍ ଗ୍ରୀଡ୍ ନିର୍ମାଣ କରିବାକୁ ବାରମ୍ବାର ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିବାବେଳେ ତୁରନ୍ତ କଣାସଠାରେ ଏକ ବିଦ୍ୟୁତ୍ ଗ୍ରୀଡ୍ ନିର୍ମାଣ କରି ବିଦ୍ୟୁତ୍ ସମସ୍ୟା ଦୂର କରିବା ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଏବଂ ଅନେକ ଲୋକପ୍ରତିନିଧି ଦାବି କରିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ଉ; ୫ ଗିରଫ

ବଳଙ୍ଗା,୮।୬(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଡାଙ୍ଗୁରା ଗ୍ରାମ ପଡ଼ିଆରେ ଚାଲିଥିବା ବେଆଇନ ଜୁଆ ଆଡ୍ଡାରେ ବଳଙ୍ଗା ପୁଲିସ ପକ୍ଷରୁ ରବିବାର ସକାଳେ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ଘଟଣାସ୍ଥଳରୁ ଜୁଆ ଖେଳ ସାମଗ୍ରୀ, ୪ଟି ମୋବାଇଲ୍, ନଗଦ ୧୨୦୦ ଟଙ୍କା ଓ ଗୋଟିଏ ବାଇକ୍ ଜବତ କରିବା ସହ ଜୁଆ ପାଲି ପକାଇଥିବା ୫ ଜଣଙ୍କୁ ଗିରଫ କରିଛି। ଜୁଆଡ଼ିମାନେ ହେଲେ ଡାଙ୍ଗୁରା ଗ୍ରାମର ଅଶ୍ୱିନୀ କୁମାର ବରାଳ(୩୩), ରଞ୍ଜିତ ବରାଳ(୩୫), ତପନ ପରିଡ଼ା(୩୪), ରବିନ୍ଦ୍ର କୁମାର ସ୍ୱାଇଁ(୪୩), ମୃତ୍ୟୁଞ୍ଜୟ ବରାଳ(୩୨)। ଏନେଇ ଥାନାରେ ୨୨୬/୨୫ରେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ମୁତାବକ, ଉକ୍ତ ଜୁଆଡ଼ିମାନେ ଗାଁ ପଡ଼ିଆରେ ବେଆଇନ ଭାବେ ଜୁଆ ଖେଳ କରୁଥିବାବେଳେ ରବିବାର ଏ ସମ୍ପର୍କରେ ବଳଙ୍ଗା ପୁଲିସକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସ୍‌ଆଇ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରି ଏମାନଙ୍କୁ ଗିରଫ କରିଥିଲେ।

# ଦୋଳ ପଡ଼ିଆ ଜବରଦଖଲ; ତହସିଲ୍‌ରେ ଅଭିଯୋଗ

ଅସ୍ତରଙ୍ଗ,୮।୬(ସମିସ):

ଦିନକୁ ଦିନ ଅସ୍ତରଙ୍ଗ ତହସିଲ୍ ଅଧୀନରେ ଥିବା ଅନେକ କୋଠ ଜମି, ଗୋଚର, ଦଣ୍ଡା, ଜଙ୍ଗଲ ଜମି, ଅନାବାଦୀକୁ କିଛି ଲୋକ ବେଆଇନ ଭାବେ ଜବରଦଖଲ କରି ରଖୁଛନ୍ତି। ଯାହାକୁ ନେଇ ତହସିଲ୍‌ରେ ଅନେକ ଅଭିଯୋଗ ହେବା ପରେ ବି ସ୍ଥାନୀୟ ରାଜସ୍ୱ ବିଭାଗ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନେଉନାହାନ୍ତି। ଏହିପରି ଏକ ଅଭିଯୋଗ ଆସିଛି ଅସ୍ତରଙ୍ଗ ବ୍ଲକ୍ ମାଣ୍ଡୁକି ପଞ୍ଚାୟତରୁ। ଖାତା ନମ୍ବର-୨୬୧, ପ୍ଲଟ୍ ନମ୍ବର-୩୭୨, କିସମ -କଣ୍ଟା ଜଙ୍ଗଲ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଜବରଦଖଲ ହୋଇଛି ବୋଲି ଅଭିଯୋଗ କରାଯାଇଛି।

ଅଭିଯୋଗ ମୁତାବକ, ଏହି ସ୍ଥାନଟି ଜମିଦାର ଶାସନ ସମୟରୁ ଗ୍ରାମର ଦୋଳ ମେଳଣ ମଣ୍ଡପ ଭାବେ ବ୍ୟବହୃତ ହୋଇଆସୁଛି। କିନ୍ତୁ ଏହି ଗ୍ରାମର ବିଜୟ କୁମାର ଖଟୋଇ ନାମକ ବ୍ୟକ୍ତିବିଶେଷ ଜୋର୍‌ଜବରଦସ୍ତ ଦଖଲ କରି ଏହି ପଡ଼ିଆରେ ମୁଖ୍ୟ ରାସ୍ତା ନିକଟରେ ଏକ କୋଠା ନିର୍ମାଣ କରୁଛନ୍ତି, ଯାହା ଫଳରେ ଗ୍ରାମର ଦୋଳ ପଡ଼ିଆ ଜବରଦଖଲ ଅବସ୍ଥାରେ ରହିଛି ଏନେଇ ଗ୍ରାମରେ ଏକ ପ୍ରକାର ଅସନ୍ତୋଷ ପ୍ରକାଶ ପାଉଛି। ଏଠି ପ୍ରଶ୍ନ ଉଠୁଛି ସରକାରୀ ଜମି କାହିଁକି ଓ କିପରି ଜବରଦଖଲ ହେଉଛି, ଯେଉଁମାନେ ବି କରୁଛନ୍ତି କାହା ଛତ୍ରଛାୟା ତଳରେ ଏହି ଜମିକୁ ଜବରଦଖଲ କରୁଛନ୍ତି? ବ୍ଲକ୍‌ରେ ଅନେକ ସ୍ଥାନରେ ଜମି ଜବରଦଖଲ ହେବା କାରଣରୁ ଚାଷ ଜମିକୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଅନେକ ସ୍ଥାନରେ ଗୋଚର ଆଉ ମିଳୁନି। ଜଙ୍ଗଲ ଜମିରୁ ଜଙ୍ଗଲ ପଦା କରି କିଛି ବ୍ୟକ୍ତିବିଶେଷ ନିଜ ସ୍ୱାର୍ଥରେ ଉକ୍ତ ଜମିକୁ ବ୍ୟବହାର କରୁଛନ୍ତି। ଏହି ସବୁ ଜବରଦଖଲ ଅସ୍ତରଙ୍ଗ ତହସିଲ୍ ଅଧୀନରେ ଏତେ ପରିମାଣରେ ବୃଦ୍ଧି ପାଉଛି ଯେ ଆଉ କିଛିଦିନ ପରେ ସରକାର ଥିବ, ମାତ୍ର ସରକାରୀ ଜମି ନ ଥିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ମାଣ୍ଡୁକି ରାଜସ୍ୱ ବିଭାଗ ଅଧୀନରେ ଥିବା କଣ୍ଟାଜଙ୍ଗଲ ଯେଉଁଟା ପୂର୍ବ ପୁରୁଷରୁ ଗ୍ରାମର ଦୋଳ ପଡ଼ିଆ ଭାବେ ବ୍ୟବହୃତ ହୋଇଆସୁଛି। କିନ୍ତୁ ସେଠାରେ ନିର୍ମାଣ ହେଉଥିବା କୋଠାକୁ ବିରୋଧ କରି ଏହି ଗ୍ରାମର ଦୁର୍ଯ୍ୟୋଧନ ଜେନା, ମନୋଜ ଜେନା, ଶିବ ପରିଡ଼ା, ଦିଲ୍ଲୀପ ପ୍ରଧାନ, ପରମାନନ୍ଦ ପ୍ରଧାନ ପ୍ରମୁଖ ବୁଦ୍ଧିଜୀବୀ ଏପ୍ରିଲ ୨୮ ତାରିଖରେ ଅସ୍ତରଙ୍ଗ ତହସିଲ୍‌ରେ ଅଭିଯୋଗ କରିବା ପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏଯାଏ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନି ବୋଲି ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ତହସିଲ୍ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ନିକଟରେ ଓ ଆବଶ୍ୟକ ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ୫୪ ବର୍ଷର ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରଛାତ୍ରୀ

କୁଣ୍ଢେଇ,୮।୬(ସମିସ): ପୁରୀ ଜିଲ୍ଲା କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୭୧ ବ୍ୟାଚ୍‌ର ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ସୋମେଶ୍ୱର ମହାଦେବଙ୍କ ପୀଠରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ



ହୋଇଯାଇଛି। ସମସ୍ତ ପ୍ରାକ୍ତନ ଛାତ୍ରଛାତ୍ରୀ ଏକାଠି ହୋଇ ନିଜ ନିଜର ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ରୋମନ୍ଥନ କରିଥିଲେ। ଏଥିସହିତ ପରସ୍ପର ପାରିବାରିକ ଜୀବନ ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହିତ ୧୯୭୧ ଡିସେମ୍ବର ୩ରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ସମୟରେ ସହିଦ୍ ହୋଇଥିବା ଗଞ୍ଜାମ ଆସିକା ଅଞ୍ଚଳର ଓଡ଼ିଆ ପୁଅ କାଶୀନାଥ ସାହୁଙ୍କ ସମେତ ସମସ୍ତ ସହିଦମାନଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କାକଟପୁର ମହାବିଦ୍ୟାଳୟ ଏବଂ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଜମେଶ୍ୱର ଦୀକ୍ଷିତ, ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡ. ପ୍ରଭାତ କୁମାର ଦାଶ, ବାବାଜୀ ସେନାପତି, ପ୍ରମୋଦ ସେନାପତି, ରାଜକିଶୋର ଦାଶ, କ୍ଷୀରୋଦ ଦାଶ, କାଳୀପ୍ରସାଦ ଦାଶ, ହୃଷୀକେଶ ଦୀକ୍ଷିତ, ପ୍ରମୋଦିନୀ ମହାନ୍ତି, ପ୍ରଫୁଲ୍ଲ ଦୀକ୍ଷିତ, ସର୍ବେଶ୍ୱର ଦୀକ୍ଷିତ, ବାଲୁଙ୍କେଶ୍ୱର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକାଠି ହୋଇଥିଲେ। ପୁରୁଣା ସ୍ମୃତିକୁ ମନେ ପକାଇବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ କରିବାକୁ ସଂକଳ୍ପ ନେବା ସହିତ ଦିବଂଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ମୃତିଚାରଣ କରିଥିଲେ।

# ‘ଜାଗ୍ରତ ଯୁବଶକ୍ତି’ ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ

ନିମାପଡ଼ା,୮।୬(ସମିସ): ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ‘ଜାଗ୍ରତ ଯୁବଶକ୍ତି’ ସଂଗଠନ ପକ୍ଷରୁ ରବିବାର ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଦସ୍ୟମାନେ ନିମାପଡ଼ା-କୋଣାର୍କ ପୂର୍ତ୍ତ ମୁଖ୍ୟ ରାସ୍ତାର ଦିଘାଳୋ ମନସା ପୀଠ ଜଙ୍ଗଲରେ ସଫେଇ କରିଥିଲେ। ନିମାପଡ଼ାର ଏକମାତ୍ର ବଣଭୋଜି ସ୍ଥାନ ଏହି ଜଙ୍ଗଲରେ ବିଭିନ୍ନ ଜିଲ୍ଲା ଏବଂ ନିମାପଡ଼ା ସମେତ ଏହାର ଆଖପାଖ ନିର୍ବାଚନମଣ୍ଡଳୀରୁ ଲୋକେ ଆସି ବଣଭୋଜି କରିଥା’ନ୍ତି। ଜଙ୍ଗଲର ଚାରିଆଡ଼େ ପ୍ଲାଷ୍ଟିକ୍ ବୋତଲ, ଗ୍ଲାସ୍, ମଦ ବୋତଲ, ଅଇଁଠା ପତ୍ର ଆଦି କୁଢ଼ କୁଢ଼ ଅଳିଆ ଚାରିଆଡ଼େ ପଡ଼ିଥିବା ଦେଖି ଉକ୍ତ ସ୍ଥାନର ସ୍ୱଚ୍ଛତା ଓ ସବୁଜିମା ବଜାୟ ରଖିବା ଲକ୍ଷ୍ୟ ନେଇ ଯୁବଶକ୍ତି ସଂଗଠନର ସଦସ୍ୟମାନେ ମନସା ଜଙ୍ଗଲ ସଫେଇ କରି ଅନେକ ପ୍ଲାଷ୍ଟିକ୍ ଆବର୍ଜନା, ଭଙ୍ଗା ମଦ ବୋତଲ, ଜରି, ପେପର ଥାଳି, ବିପୁଳ ପରିତ୍ୟକ୍ତ ସାମଗ୍ରୀ ସଂଗ୍ରହ କରି ଏହା ପୁନଃ ବ୍ୟବହାର ଯୋଗ୍ୟ ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ। ସଂଗଠନର ସଂଯୋଜକ ସମୀର ରଞ୍ଜନ ରାଉତରାୟ, ଆବାହକ ଆଦର୍ଶ ଦାଶ, ଆଶିଷ ଜେନା, ଦେବାଶିଷ ଦାଶ, ଅନୁକୂଳ ସ୍ୱାଇଁ, ତୁଷାରକାନ୍ତ ପରିଡ଼ା, ଚନ୍ଦନ ପଣ୍ଡା, ସତ୍ୟନାରାୟଣ ଆଚାର୍ଯ୍ୟ, ଅଭିଜିତ୍ ମହାପାତ୍ର ପ୍ରମୁଖ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଦସ୍ୟମାନେ ବଣଭୋଜି କରିବାକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ଗଠନ ନିମନ୍ତେ ସଚେତନ କରାଇଥିଲେ।

# ଜିଲ୍ଲା ଭିଏଲ୍‌ଇ ସୋସାଇଟି କର୍ମକର୍ତ୍ତାଙ୍କ ବୈଠକ

ବ୍ରହ୍ମଗିରି,୮।୬(ସମିସ): ରବିବାର ମା’ ବାଲିହରଚଣ୍ଡୀ ଦେବୀଙ୍କ ପୀଠରେ ପୁରୀ ଜିଲ୍ଲା ଭିଏଲ୍‌ଇ ସୋସାଇଟି (ଜନସେବା କେନ୍ଦ୍ର ସୋସାଇଟିର କର୍ମକର୍ତ୍ତା)ଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୋସାଇଟିର ସମସ୍ତ ସଦସ୍ୟ ନିଜ ନିଜର କର୍ମକ୍ଷେତ୍ରରେ ଉପୁଜୁଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଆଗକୁ ଜନସାଧାରଣଙ୍କୁ କିପରି ଜନସେବା କେନ୍ଦ୍ର ମାଧ୍ୟମରେ ସରକାରଙ୍କ ସମସ୍ତ ସୁବିଧାସୁଯୋଗ ଓ ଯୋଜନା ସଠିକ୍ ଭାବେ ପହଞ୍ଚାଇବେ ସେ ବିଷୟରେ ମଧ୍ୟ ଆଲୋଚନା କରି ଏକ ବିଷୟବସ୍ତୁ କରିଛନ୍ତି। ସରକାରଙ୍କଠାରୁ ସମସ୍ତ ଯୋଜନା ସିଧାସଳଖ ପୁରୀ ଜିଲ୍ଲା ଭିଏଲ୍‌ଇ ସୋସାଇଟି ସଦସ୍ୟମାନେ ଲୋକମାନଙ୍କ ଘରେ ଘରେ ପହଞ୍ଚାଇବାରେ ବେଶ୍ ସଫଳ ହୋଇଛନ୍ତି। ଆଗକୁ ମହାପ୍ରଭୁ ଶ୍ରୀଅଲାରନାଥ ଦେବଙ୍କ ଅନବସର ଯାତ୍ରା ଓ ମା’ ବାଲିହରଚଣ୍ଡୀ ଦେବୀଙ୍କ ପୀଠରେ ରଜ ପର୍ବ ପାଳନ କରାଯିବ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଏହି ପୀଠକୁ ଆଗମନକୁ ଆଖି ଆଗରେ ରଖି ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ପାନୀୟଜଳ ବଣ୍ଟନ କରିବା ପାଇଁ ପୁରୀ ଜିଲ୍ଲା ଭିଏଲ୍‌ଇ ସୋସାଇଟିର ସଦସ୍ୟମାନେ ଏକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି କରିଛନ୍ତି। ଏହି ବୈଠକରେ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ପୁରୀ ସଦର ବ୍ଲକ୍‌ର ଭିଏଲ୍‌ଇ ସୋସାଇଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକକୁ ପୁରୀ ଜିଲ୍ଲା ଭିଏଲ୍‌ଇ ସୋସାଇଟିର ସଭାପତି ରବୀନ୍ଦ୍ର କୁମାର ପାତ୍ର ଓ ସମ୍ପାଦକ ବିପିନ ମହାରଣା ପରିଚାଳନା କରିଥିଲେ।

# ବେଧଡ଼କ ଚାଲିଛି ମଦ ବେପାର; ଅବକାରୀ ବିଭାଗ ଚୁପ୍

ରଣପୁର,୮।୬(ସମିସ):



ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳରେ ସବୁଠି ମିଳୁଛି ଦେଶୀ ବିଦେଶୀ ମଦ। ପାନ ଦୋକାନଠୁ ଆରମ୍ଭ କରି ପ୍ରତି ଗ୍ରାମର ଛକ ଓ ଜନଗହଳି ସ୍ଥାନମାନଙ୍କରେ ମଦ ଚୋରାରେ ମିଳୁଛି। ମାତ୍ର ଅବକାରୀ ବିଭାଗ ହାତ ବାନ୍ଧି ବସିରହିଛି। ସୂଚନା ଦେଲେ ମଧ୍ୟ ଅବକାରୀ ବିଭଗ ମଦ ଜବତ କରୁନାହିଁ କି ମଦ ବେପାରୀଙ୍କୁ ଗିରଫ କରୁନାହିଁ। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ରଣପୁର ଅଞ୍ଚଳର ସୁର୍କାବାଡ଼ି, କାସନ୍ଦାରେ ଚୋରା ଦେଶୀ ମଦଭାଟି ଭରପୂର ରହିଛି। ଏଠାରେ ଦେଶୀ ମଦ ପ୍ରସ୍ତୁତି ହୋଇ ଖୁଲମ୍‌ଖୁଲା ବିକ୍ରି ହୋଇଥାଏ। ଏହା ସହିତ ଦିବାଲୋକରେ ହଜାର ହଜାର ଲିଟର ମଦ ରନ୍ଧାଯାଇ ଗ୍ରାମ ବାହାରକୁ ନିଆଯାଉଛି। ମଦ ପ୍ରସ୍ତୁତକାରୀମାନେ ଏଠାରେ ରାସ୍ତା ଉପରେ ବେଧଡ଼କ ମଦ ତିଆରି କରୁଛନ୍ତି। ଫଳରେ ସୁର୍କାବାଡ଼ିର ଛକ ବଜାର, ପୋଖରୀ ଦୁର୍ଗନ୍ଧରେ ଫାଟି ପଡୁଛି ଓ ପରିବେଶ ପ୍ରଦୂଷିତ, ବାୟୁ ପଦୂଷଣ ସହିତ ଜଳ ପ୍ରଦୂଷଣ ହେଉଛି। ସରକାର ପ୍ରଦୂଷଣକୁ ବିରୋଧ କରୁଥିବାବେଳେ ମଦରନ୍ଧା ମାଲିକ ଖୋଲାଖୋଲି ଆଇନ ଉଲ୍ଲଂଘନ କରୁଛି। ଗ୍ରାମବାସୀମାନେ ନିରୂପାୟ ମନେ କଲେଣି। ମଦ ରନ୍ଧାଳି ଓ ବେପାରୀଙ୍କୁ ନା ରହିଛି ଅବକାରୀ ଅଧିକାରୀଙ୍କ ଡର ନା ରହିଛି ପୁଲିସର ଭୟ। ଅବକାରୀ ବିଭାଗ ସବୁ ଜାଣି ମଧ୍ୟ ଚୁପ୍ ରହୁଛି କାହିଁକି। ରାସ୍ତାଘାଟରେ ମହିଳାମାନେ ଏକୁଟିଆ ଯିବାକୁ ଭୟ କରୁଛନ୍ତି। ଏପରିକି ନିକଟରେ ସ୍କୁଲ ଓ କଲେଜ ରହିଥିବାରୁ ଛାତ୍ରୀମାନେ ରାସ୍ତାରେ ଯିବାକୁ ଅସୁରକ୍ଷିତ ଅନୁଭବ କରୁଛନ୍ତି।

> ➤ ରଣପୁର ଅବକାରୀ ବିଭାଗ କାର୍ଯ୍ୟାଳୟରେ ଝୁଲୁଛି ତାଲା
> ➤ ମଦ ଜବତ କରିବାକୁ ଡରୁଛନ୍ତି ଅବକାରୀ କର୍ମଚାରୀ

ଅନୁରୂପ ଭାବେ ଅଞ୍ଚଳରେ ଅନେକ ସ୍ଥାନରେ ମଦ ପ୍ରସ୍ତୁତ କରି ବାହାରକୁ ବିକ୍ରି ପାଇଁ ପଠାଯାଉଛି। ସେହି ମଦକୁ ଅଧିକ ନିଶା ପାଇଁ ସେଥିରେ ୟୁରିଆ ସାର ଓ ହାଡ଼ ପିଡ଼ିଆ ଏବଂ ସୁଲେସନ ଭଳି ବିଷାକ୍ତ ରାସାୟନିକ ପଦାର୍ଥ ମିଶ୍ରଣ କରାଯାଉଛି। ଫଳରେ ଲୋକେ ଏଭଳି ନକଲି ବିଷାକ୍ତ ମଦପିଇ ଅନେକ ସମୟରେ ପ୍ରାଣ ହରାଇବା ସହିତ ବିଭିନ୍ନ ମାରାତ୍ମକ ରୋଗାକ୍ରାନ୍ତ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ନିଆଯାଉନାହିଁ।

ଅନ୍ୟପଟେ ରଣପୁରରେ ଥିବା ଅବକାରୀ ବିଭାଗ କାର୍ଯ୍ୟାଳୟ ପ୍ରାୟତଃ ସବୁବେଳେ ତାଲାପଡ଼ି ରହୁଛି। ଲୋକେ ଅଭିଯୋଗ କରିବାକୁ ଗଲେ ନିରାଶ ହୋଇ ଫେରୁଛନ୍ତି। ଯଦି କୌଣସି ଅବକାରୀ କର୍ମଚାରୀ ଥିବେ ତାଙ୍କୁ ଗୁହାରି କଲେ ସେ ରୋକ୍‌ଠୋକ୍ ମନା କରୁଛନ୍ତି ମଦ ଧରିବା ପାଇଁ। କହୁଛନ୍ତି ମଦ ଧରିଲେ ଆମ ଚାକିରି ଚାଲିଯିବ, ନଚେତ୍ ଅନ୍ୟତ୍ର ବଦଳି କରିଦିଆଯିବ। ଏଇଥିରୁ ଜଣାପଡୁଛି ଯେ, ଏହା ପଛରେ କିଛି ପ୍ରଭାବଶାଳୀ ଲୋକଙ୍କ ହାତ ଅଛି ଏବଂ ମୋଟା ଅଙ୍କର ହାତଗୁଞ୍ଜା ଦିଆଯାଉଛି। ଯାହା ଫଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯଦି ଅଞ୍ଚଳରେ ମଦ ରନ୍ଧା, ବିକ୍ରି ବନ୍ଦ ନ ହୁଏ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏନେଇ ନୟାଗଡ଼ ଜିଲ୍ଲା ଅବକାରୀ ଅଧୀକ୍ଷକ, ରଣପୁର ପୁଲିସ, ରାଜସୁନାଖଳା ପୁଲିସ ଏବଂ ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ନିରବ କାହିଁକି ନା ଜାଣିଶୁଣି ଚୁପ୍ ରହିଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟରେ ଅବହେଳା ଓ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କୁ ଦୃଢ଼ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ରଣପୁର ଅଞ୍ଚଳରୁ ଦେଶୀ ମଦରନ୍ଧା ବନ୍ଦ କରିବାକୁ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ ପଶାପାଲି ଟୁର୍ଣ୍ଣାମେଣ୍ଟ



ପିପିଲି,୮।୬(ସମିସ):

ପିପିଲି ବ୍ଲକ୍ ଅନ୍ତର୍ଗତ ତେଇଶିପୁର ବଜାର ଗଣେଶ ମଣ୍ଡପଠାରେ ନିଖିଳ ଉତ୍କଳ ପଶାପାଲି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାକୁ ତେଇଶିପୁର ବଜାର କମିଟି ଆୟୋଜନ କରିଥିଲା। ଏଥିରେ ୩୨ଟି ଦଳ ଭାଗ ନେଇଥିବାବେଳେ ଖୋର୍ଦ୍ଧା ଜିଲ୍ଲା ମୁକ୍ତାପୁର ଅଞ୍ଚଳର ରବିନ୍ଦ୍ର ରଣା ଓ ଦୁର୍ଗାଚରଣ ବାରିକଙ୍କୁ ଚାମ୍ପିଅନ ଘୋଷଣା କରାଯାଇଛି। ସେହିପରି ରନର୍ସଅପ୍ ଭାବେ ପିପିଲି ବ୍ଲକ୍ ପୋଟଳ ଗ୍ରାମର ସର୍ବେଶ୍ୱର ପାଣି ଓ ପ୍ରଫୁଲ୍ଲ ଜେନାଙ୍କ ନାମ ଘୋଷଣା କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସରପଞ୍ଚ ରଶ୍ମିତା ସେନାପତି, ସମିତିସଭ୍ୟଙ୍କ ପ୍ରତିନିଧି ଲକ୍ଷ୍ମୀଧର ନାୟକ, ପୂର୍ବତନ ଗ୍ରାମ୍ୟ ବ୍ୟାଙ୍କ ପରିଚାଳକ ସୂର୍ଯ୍ୟପ୍ରସାଦ ରଥ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରଫୁଲ୍ଲ ଜେନା ଓ ପ୍ରଫୁଲ୍ଲ ରଥ ଖେଳକୁ ପରିଚଳନା କରିଥିଲେ। ପ୍ରଦ୍ୟୁମ୍ନ ବରାଳ, ସତ୍ୟବାଦୀ ରଥ, ନିଶିକାନ୍ତ ବାରିକ, ଦୈତାରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୮/୬/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୯,୧୫,୭୦୨/- ସୁନା: ୦୦.୭୫୦ ଗ୍ରାମ୍ ରୁପା: ୧୨୧.୬୫୦ ଗ୍ରାମ୍





● ରଥଖଳାରୁ...

## ତିନିରଥରେ ଗଯଳ ପକା ସରିଲା



ପୁରୀ,୮।୬(ସମିସ): ଆଉ ୧୮ ଦିନ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥ ନିର୍ମାଣ। ତିନିରଥର ମୁଖ୍ୟ ବିଶ୍ୱକର୍ମାଙ୍କ ନେତୃତ୍ୱରେ ଚଳିତବର୍ଷ କାମ ବେଶ୍ ଆଗୁଆ ରହିଛି। ମହାରଣା ସେବକମାନଙ୍କୁ ଉପଯୁକ୍ତ ସହଯୋଗ ଯୋଗାଉଛନ୍ତି ଭୋଇ, କମାର, ରୂପକାରଙ୍କ ସମେତ ରଥ ନିର୍ମାଣରେ ସମ୍ପୃକ୍ତ ଅନ୍ୟ ସେବକ। ରବିବାର ସୁଦ୍ଧା ତିନିରଥର ଛନ୍ଦା ଓ ପୋଲ ଗଯଳ ପକାଯିବା କାମ ଶେଷ ହୋଇଛି। ଦଣ୍ଡା ଉପରୁ ଖମ୍ବୀ ବା ଟାଣ ଦିଆଯାଇ ଛନ୍ଦା ଗଯଳ ସହ ସଂଯୋଗ କରାଯାଇଛି। ରବିବାର ଦର୍ପଦଳନ ରଥର ଗୋଟିଏ ପୋଲ ଗଯଳ ବାନ୍ଧେଣୀ କରିବା ସମୟରେ ତାହା ଫାଟି ଭାଙ୍ଗି ଯାଇଥିଲା। ତେଣୁ ଆଉ ଏକ ପୋଲ ଗଯଳ ତିଆରି ପାଇଁ ଦେବଦଳନ ରଥ ବିଶ୍ୱକର୍ମାଙ୍କୁ ୪୦ ଫୁଟିଆ କାଠ ଯୋଗାଇ ଦିଆଯାଇଥିଲା। ସେମାନେ ଏହାକୁ ଶେଷ କରି ରଥ ଉପରକୁ ଉଠାଇଥିଲେ। ସୋମବାର ୪୨ଟି ଯାକ ଯୋକା ଲଗାଯିବ। ଏହି ଯୋକାଗୁଡ଼ିକ ରଥ ପାଖରେ ଅଣାଯାଇ ରଖାଯାଇଛି। ଅନ୍ୟାନ୍ୟ କାମ ମଧ୍ୟରେ ରୂପକାର ସେବକମାନେ ତିନିରଥ ଦ୍ୱାର ପାଇଁ ନାଟଗୋଡ଼ରେ ରାହୁ ରୂପ ଖୋଦେଇ କରୁଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ତିଆରି କରୁଛନ୍ତି।

## ଆଜି ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

● ଅଧ୍ୟକ୍ଷତା କରିବେ ଆଇନ ମନ୍ତ୍ରୀ

ପୁରୀ,୮।୬(ସମିସ): ସୋମବାର ଅନୁଷ୍ଠିତ ହେବ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ। ଏଥିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିବେ। ଟାଉନ ହଲ୍ ପରିସରରେ ପୂର୍ବାହ୍ଣ ୧୧ଟାରେ ହେବାକୁ ଥିବା ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବେ। ଆସନ୍ତା ୨୭ ତାରିଖ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏଥର ଅଧିକ ଶ୍ରଦ୍ଧାଳୁ ସମାଗମ ହେବା ସମ୍ଭାବନା ରହିଛି। ତେଣୁ ଏଥିପାଇଁ ପ୍ରଶାସନ କ'ଣ କ'ଣ ପ୍ରସ୍ତୁତି କରିଛି ତାହାର ସମୀକ୍ଷା କରିବେ ଆଇନ ମନ୍ତ୍ରୀ। ପୂର୍ବରୁ ରଥଯାତ୍ରାର ପ୍ରଥମ ସମନ୍ୱୟ ବ÷ଠକ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଠିକଣା ସମୟକୁ ସବୁ ପ୍ରସ୍ତୁତ ହୋଇଯିବ ବୋଲି କହିଥିଲେ। ତେବେ ଅଧିକାରୀମାନେ କି ପ୍ରକାର ପ୍ରସ୍ତୁତି କରିଛନ୍ତି ସେ ସମ୍ପର୍କରେ ବୈଠକରେ ସବିଶେଷ ସୂଚନା ଦେବେ। କାହାର କ'ଣ କାମ ବାକି ରହିଯାଇଛି, ଅଧିକ କ'ଣ କଲେ ରଥଯାତ୍ରା ଶୃଙ୍ଖଳିତ ହୋଇପାରିବ ଏବଂ ଭକ୍ତମାନେ କିପରି ଭଲ ଭାବେ ଦର୍ଶନ କରିବେ ତାହା ଉପରେ ଆଲୋଚନା କରାଯିବ। ଅନ୍ୟପକ୍ଷରେ ୧୦ ମାସ ହେବ ପରିଚାଳନା କମିଟି କାହିଁକି ଗଠନ ହେଉନାହିଁ ତାକୁ ନେଇ ମନ୍ତ୍ରୀ, ଅଧିକାରୀ ପ୍ରଶ୍ନବାଣର ସମ୍ମୁଖୀନ ମଧ୍ୟ ହୋଇପାରନ୍ତି।

## ରାଜ୍ୟସ୍ତରୀୟ ରଜ ମହୋତ୍ସବ

ପୁରୀ,୮।୬(ସମିସ): ଓଡ଼ିଶାର ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଏବଂ ଓଡ଼ିଶା କଲ୍‌ଚର ଆର୍ଟ ଏକାଡେମୀ ତରଫରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ରାଜ୍ୟସ୍ତରୀୟ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ବସନ୍ତ କୁମାର



ଦାସ ରଜ ମହୋତ୍ସବ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସମାଜସେବୀ ଓ ଶିକ୍ଷାବିତ୍ ଶଶଧର ପଣ୍ଡା ମୁଖ୍ୟବକ୍ତା ଓ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଡ. ତ୍ରିଲୋଚନ ବରାଳ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ସେବାୟତ ଶିବନାରାୟଣ ପୂଜାପଣ୍ଡା, ଗୋଟିପୁଅ ନୃତ୍ୟଗୁରୁ ମାଗୁଣୀ ଜେନା, ରଙ୍ଗଶାଳା ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ, ସାମ୍ବାଦିକ ସର୍ବେଶ୍ୱର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା କଳାକାର କବି ସମାଜସେବୀମାନଙ୍କୁ ଶ୍ରୀକ୍ଷେତ୍ର ଧାମ ସମ୍ମାନ, ଓଡ଼ିଶା ଗୌରବ ସମ୍ମାନ ପ୍ରଦାନ କରିଥିଲେ। ଅପରାହ୍ଣରେ ଫେଷ୍ଟିଭାଲ ନିର୍ଦ୍ଦେଶକ ମୋନାଲିସା ଷଡ଼ଙ୍ଗୀ ଓ ପ୍ରଦୀପ କୁମାର ବିହାରୀଙ୍କ ପରିଚାଳନାରେ ରଜ ପ୍ରତିଯୋଗିତା କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ବସନ୍ତ କୁମାର ଦାସ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ରଜ କୁଇନ୍ ଆୱାର୍ଡ ପ୍ରଦାନ କରିଥିଲେ। ସୁଶାନ୍ତ ପରିଡ଼ା, ବିଜୟକେତନ ସାହୁ, ଅନିଲ ବାରିକ, ଅମିତ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ସ୍ନାନଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

# ଜଗିବେ ୭୦ ପ୍ଲାଟୁନ୍ ଫୋର୍ସ

ପୁରୀ,୮।୬(ସମିସ)

ଆସନ୍ତା ବୁଧବାର ଦେବସ୍ନାନ ପୂର୍ଣ୍ଣିମା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁଙ୍କ ଦିବ୍ୟସ୍ନାନ ଏବଂ ହାତୀବେଶ ଦର୍ଶନ ପାଇଁ ଏଥର ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହେବା ସମ୍ଭାବନା ରହିଛି। ତେଣୁ ସ୍ନାନଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥର ୭୦ ପ୍ଲାଟୁନ୍ ଫୋର୍ସ ସହ ୪ ଜଣ ଏସ୍‌ପି ବା କମାଣ୍ଡାଣ୍ଟ, ୧୫ ଜଣ ଅତିରିକ୍ତ ଏସ୍‌ପି ଓ ଡେପୁଟି କାମାଣ୍ଡାଣ୍ଟ, ୩୦ ଡିଏସ୍‌ପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୬୭ ଇନ୍ସପେକ୍ଟର, ୩୪୮ ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୬୫ ହାବିଲ୍‌ଦାର, ୪୨୮ କନେଷ୍ଟବଲ, ୫୨ ଜଣ ଟ୍ରାଫିକ୍ କନେଷ୍ଟବଲ, ୬୧୮ ହୋମ୍‌ଗାର୍ଡ ମୁତୟନ ହେବେ ବୋଲି ଏସ୍‌ପି ବିନୀତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି।

ଏସ୍‌ପି ଶ୍ରୀ ଅଗ୍ରୱାଲ କହିଛନ୍ତି, ସ୍ନାନମଣ୍ଡପ ଓ ଶ୍ରୀମନ୍ଦିରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ବ୍ୟବସ୍ଥା କରାଯାଇଥିବା ବେଳେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମୋଟ ୭୦ ପ୍ଲାଟୁନ ଫୋର୍ସଙ୍କ ମଧ୍ୟରୁ ଶ୍ରୀମନ୍ଦିର ଭିତରେ ୩୪ ପ୍ଲାଟୁନ, ମନ୍ଦିର ବାହାରେ ଭିଡ଼ ନିୟନ୍ତ୍ରଣ ଲାଗି ୨୪ ପ୍ଲାଟୁନ, ଟ୍ରାଫିକ୍ ନିୟନ୍ତ୍ରଣ ଦାୟିତ୍ୱରେ ୮ ପ୍ଲାଟୁନ, ପର୍ଯ୍ୟଟକଙ୍କ ଲାଗି ଗୋଟିଏ ପ୍ଲାଟୁନ ୨ ସେକ୍ସନ, ଅନ୍ୟାନ୍ୟ ବ୍ୟବସ୍ଥା ଲାଗି ୨ ସେକ୍ସନ ଫୋର୍ସ ନିୟୋଜିତ ହେବେ। ଶ୍ରୀମନ୍ଦିର ଭିତରେ ଜଣେ କମାଣ୍ଡାଣ୍ଟ, ୬ ଜଣ ଅତିରିକ୍ତ ଏସ୍‌ପି ଓ ଡେପୁଟି କମାଣ୍ଡାଣ୍ଟ, ୧୩ ଡିଏସ୍‌ପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୨୭ ଇନ୍ସପେକ୍ଟର, ୧୦୫ ଜଣ ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୧୨୨ ଜଣ କନେଷ୍ଟବଳ ଓ ୮୪ ଜଣ ହୋମ୍‌ଗାର୍ଡ ମୁତୟନ ହେବେ। ସେହିପରି ମନ୍ଦିର ବାହାରେ ୨ ଜଣ କମାଣ୍ଡାଣ୍ଟ, ୫ ଜଣ ଅତିରିକ୍ତ ଏସ୍‌ପି ଓ ଡେପୁଟି କମାଣ୍ଡାଣ୍ଟ, ୮ ଡିଏସ୍‌ପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୨୬ ଇନ୍ସପେକ୍ଟର, ୧୦୯ ଜଣ ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୪୯ କନେଷ୍ଟବଳ, ୫୦ ଜଣ ହୋମ୍‌ଗାର୍ଡ ମୁତୟନ ହେବେ। ଟ୍ରାଫିକ୍‌ରେ ଜଣେ କାମାଣ୍ଡାଣ୍ଟ, ୨ ଜଣ ଅତିରିକ୍ତ ଏସ୍‌ପି ଓ ଡେପୁଟି କମାଣ୍ଡାଣ୍ଟ, ୬ ଡିଏସ୍‌ପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୧୦ ଇନ୍ସପେକ୍ଟର, ୮୭ ଜଣ ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୧୪୦ କନେଷ୍ଟବଳ, ୪୦୬ ଜଣ ହୋମ୍‌ଗାର୍ଡ ନିୟୋଜିତ ରହିବେ। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ କରାଯାଇଛି। ସ୍ନାନଯାତ୍ରା ଶୃଙ୍ଖଳିତ ଭାବେ ଯେପରି ସମ୍ପନ୍ନ ହେବ ସେଥିଲାଗି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ଏସ୍‌ପି। ଅନ୍ୟପକ୍ଷରେ ପୁଲିସ ପକ୍ଷରୁ ସ୍ନାନଯାତ୍ରା ପାଇଁ ଟ୍ରାଫିକ୍ ଆଡ୍‌ଭାଇଜରି ଜାରି କରାଯାଇଛି। ମେଡିକାଲ ଛକଠାରୁ ଗାଡ଼ି ଚଳାଚଳ ଉପରେ କଟକଣା ରହିବ। ମାର୍କେଟ୍ ଛକଠାରୁ ଆଗକୁ କୌଣସି ଦୁଇଚକିଆ ଗାଡ଼ି ଯିବ ନାହିଁ।

**ଶ୍ରୀମନ୍ଦିର ଭିତରେ ୩୪ ପ୍ଲାଟୁନ, ବାହାରେ ୨୪ ଓ ଟ୍ରାଫିକ୍‌ରେ ୮ ପ୍ଲାଟୁନ**

୧୧ରେ ଦେବସ୍ନାନ ପୂର୍ଣ୍ଣିମା

## ଟ୍ରାଫିକ୍ ପରାମର୍ଶ ଜାରିକଲା ପୁଲିସ

ପୁରୀ,୮।୬(ସମିସ): ଆସନ୍ତା ବୁଧବାର ଦେବସ୍ନାନ ପୂର୍ଣ୍ଣିମା। ମହାପ୍ରଭୁଙ୍କ ଦିବ୍ୟସ୍ନାନ ଏବଂ ହାତୀବେଶ ଦର୍ଶନ ପାଇଁ ଏଥର ପୁରୀରେ ଭକ୍ତଙ୍କ ପ୍ରବଳ ସମାଗମ ହେବା ସମ୍ଭାବନା ରହିଛି। ତେଣୁ ସୁଗମ ଯାନବାହନ ଚଳାଚଳ ପାଇଁ ପୁଲିସ ଟ୍ରାଫିକ୍ ପରାମର୍ଶ ଜାରି କରିଛି। ବ୍ରହ୍ମଗିରି ପଟୁ ଆସୁଥିବା ହାଲୁକା ମୋଟରଯାନ ମଙ୍ଗଳାଘାଟ ଛକରୁ ଡାହଣ ପାଶ୍ୱର୍କୁ ବୁଲି ଷ୍ଟର୍ଲିଂ ଛକ, ବେଳାଭୂମି ରାସ୍ତା ଦେଇ ଯାତ୍ରିକାରେ ପାର୍କିଂ କରିବେ। ଫେରିବା ବେଳକୁ ସମାଗ ରାସ୍ତା ଦେଇ ଫେରିବେ। ଭୁବନେଶ୍ୱର ପଟୁ ଆସୁଥିବା ଗାଡ଼ି ବାଟଗାଁ, ଚାରିନଳା, ଅଠରନଳା, କୁମ୍ଭାରପଡ଼ା ଥାନା, ବଡ଼ଦାଣ୍ଡ ଦେଇ ଜେଲ୍ ରୋଡ୍ ପାର୍କିଂ ଏବଂ ଶରଧାବାଲିଠାରେ ପାର୍କିଂ କରିବେ। ଏଗୁଡ଼ିକ ପୂର୍ଣ୍ଣ ହୋଇଗଲେ ଯାତ୍ରିକା, ଦିଗବାରେଣୀ, ବ୍ଲୁ ଫ୍ଲାଗ୍ ବିଚ୍ ପାର୍କିଂ ଏବଂ ନୀଳାଚଳ ଅଶୋକ ପାର୍କିଂକୁ ସ୍ଥାନାନ୍ତର କରାଯିବ ଏବଂ ସେହି ରୁଟ୍ ଦେଇ ଫେରିବ। କୋଣାର୍କ ପଟୁ ଆସୁଥିବା ଯାନଗୁଡ଼ିକ ବଇଦାସ ନଗର, ତୋଷାଳି ବାଲିଆ ଛକ, ବାଲିଘାଟ ଛକ, ସିଦ୍ଧମହାବୀର ଛକ ଏବଂ ମାଟିଆପଡ଼ା ଛକ ଦେଇ ଶରଧାବାଲି ପାର୍କିଂକୁ ଆସିବେ। ଶରଧାବାଲିରେ

**୧୦ ତାରିଖ ସନ୍ଧ୍ୟାରୁ ଚାରିଚକିଆ ଉପରେ କଟକଣା**

କ୍ଷମତା ପୂରଣ ହେବା ପରେ ଯାନଗୁଡ଼ିକ ତାଳବଣିଆ ଏବଂ ଆଇଟିଆଇ ପାର୍କିଂକୁ ଛଡ଼ାଯିବ। ଏହି ଯାନଗୁଡ଼ିକ ସମାନ ରୁଟ୍ ଦେଇ ଫେରିବେ।

ସେହିପରି ବ୍ରହ୍ମଗିରି, ଭୁବନେଶ୍ୱର ଏବଂ କୋଣାର୍କ ପଟୁ ଆସୁଥିବା ବାଇକ୍ ଏବଂ ସ୍କୁଟି ଅଠରନଳା, ବାନାମ୍ବର ଛକ, କୁମ୍ଭାରପଡ଼ା ପିଏସ୍ ଏବଂ ହସ୍ପିଟାଲ ଛକ ଦେଇ ବଡ଼ଦାଣ୍ଡକୁ ଆସିବେ। ମ୍ୟୁନିସିପାଲିଟି ମାର୍କେଟ୍ କମ୍ପ୍ଲେକ୍ସ ପାଖରେ ପାର୍କିଂ କରିବେ। ସେଠାରେ ପୂର୍ଣ୍ଣ ହେବା ପରେ ପୁରୁଣା ଜଗନ୍ନାଥ ବଲ୍ଲଭ ପାର୍କିଂ ଅଞ୍ଚଳକୁ ପଠାଯିବ। ସେହିପରି ଯାତ୍ରୀଙ୍କ ପାଇଁ ତିନିଚକିଆ ଯାନ ଶଟଲ ସେବା ମଧ୍ୟ ଉପଲବ୍ଧ ହେବ। ତାଳବଣିଆରୁ ଅଟୋରିକ୍ସାଗୁଡ଼ିକ ୱାଟର ୱାର୍କସ ରୋଡ୍, ଓଡ଼ିଶା ବେକେରୀ, ରାମମନ୍ଦିର, ଘୋଡ଼ା ବଜାର ଏବଂ ରେଡ୍‌କ୍ରସ୍ ରୋଡ୍ ଦେଇ ହସ୍ପିଟାଲ ଛକକୁ ଯିବେ। ତାଳବଣିଆରୁ ସମୁଦ୍ର କୂଳ ଆଡ଼କୁ ଯାଉଥିବା ଲୋକମାନଙ୍କୁ ପେଣ୍ଠକଟା, ସିଟି ରୋଡ୍, ଅର୍ବାନ ହାଟ, ଜିଲ୍ଲା ସ୍କୁଲ ଏବଂ ଏସ୍‌ସିଏସ୍ କଲେଜ ଦେଇ ଟାଉନ ହଲ୍ ଛକ ପର୍ଯ୍ୟନ୍ତ ଅନୁମତି ଦିଆଯିବ। ଶ୍ରୀମନ୍ଦିର ଚତୁଃପାଶ୍ୱର୍ ରାସ୍ତାରେ ତିନିଚକିଆ ଯାନ ଚଳାଚଳ କରିପାରିବ ନାହିଁ। ସୋଲାଖିଆ ବରଗଛ ଛକ (ବାଲିସାହି ରୋଡ୍)ରୁ ସିଂହଦ୍ୱାର, ବିଶେଶ୍ୱରୀ ମନ୍ଦିରରୁ ଉତ୍ତର ଦ୍ୱାର ଏବଂ ମୋଚି ସାହି ଛକରୁ ବୃଷଭ ଛକ (ଲୋକନାଥ ରୋଡ୍) ପର୍ଯ୍ୟନ୍ତ କଟକଣା ରହିବ।

## ପ୍ଲାଷ୍ଟିକ୍‌ମୁକ୍ତ ରଥଯାତ୍ରା ପାଇଁ ସଚେତନତା



ପୁରୀ,୮।୬(ସମିସ): ପବିତ୍ର ଘୋଷଯାତ୍ରାର ଅବ୍ୟବହିତ ପୂର୍ବରୁ ଶନିବାର ପୁରୀ ପୌରସଂସ୍ଥା, ହିନ୍ଦୁସ୍ତାନ କୋକା କୋଲା, ଆନନ୍ଦନା କୋକା କୋଲା ଇଣ୍ଡିଆ ଫାଉଣ୍ଡେସନ, ଓଡ଼ିଶା ଡେଭଲପ୍‌ମେଣ୍ଟ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ ୱାଇ ୪ଡି ଫାଉଣ୍ଡେସନର ମିଳିତ ସହଯୋଗରେ ପ୍ଲାଷ୍ଟିକ୍‌ମୁକ୍ତ ରଥଯାତ୍ରା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଳାଭୂମି ଚକ୍ରତୀର୍ଥ ରୋଡ୍‌ସ୍ଥିତ ରାମକୃଷ୍ଣ ମଠ ପଛ ପାଶ୍ୱର୍ରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟ ବରେଣ୍ୟ ଅତିଥିଙ୍କ ମଧ୍ୟରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଏଚ୍‌ସିସିବିର ତୁଷାର ପଟ୍ଟନାୟକ, ମିଲନ୍ ଲେଙ୍କା, ଆଦିତ୍ୟ ପଣ୍ଡା, କୋକା କୋଲା ଇଣ୍ଡିଆ ଏବଂ ଅନନ୍ତ ଚରଣ ସାହୁ ଉପଦେଷ୍ଟା, ଓଡିଏମ୍‌ପି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଓଡିଏମ୍‌ପିର ଆବାହକ ସୁଶାନ୍ତ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ଅତିଥିମାନେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାରର ଅପକାରିତା, ଜଳବାୟୁ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ପବିତ୍ର ରଥଯାତ୍ରାରେ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ ଓ ଏହାର ପୁନଃପ୍ରକ୍ରିୟାକରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପରିଶେଷରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ସଚେତନତା ସୃଷ୍ଟି କରଯାଇଥିଲା।

## ହାପିନେସ୍ ଫାଉଣ୍ଡେସନ ପକ୍ଷରୁ ୫୫୫ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୮।୬(ସମିସ): ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷରେ ରବିବାର ହାପିନେସ୍ ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥରେ ୫୫୫ ଜଣ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ରେକର୍ଡ ସୃଷ୍ଟି କରିଛନ୍ତି। ଏହି ଶିବିରରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ, ଆମ ଓଡ଼ିଶାର ମୁଖ୍ୟ ଅରବିନ୍ଦ ଦାସ, ପୁରୀ ରକ୍ତ ଭଣ୍ଡାର ଅଧିକାରୀ ଡା. ଦୀପକ ସାହୁ, ଇ-୨୪ ଚିକିତ୍ସାଳୟର ପରିଚାଳନା



ନିର୍ଦ୍ଦେଶକ ରାଜେଶ ମିଶ୍ର ଓ ନିର୍ଦ୍ଦେଶିକା ଇପ୍ସିତା ମିଶ୍ର, ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ ପ୍ରମୁଖ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରଥଯାତ୍ରା ଜରୁରୀକାଳୀନ ପରିସ୍ଥିତି ଓ ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ପୁରୀର ସ୍ୱେଚ୍ଛାସେବୀ ସଂଗଠନ ହାପିନେସ୍ ଫାଉଣ୍ଡେସନ ତରଫରୁ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଛି ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ କହିଛନ୍ତି। ତେଣୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ ହୋଇଥିବା ଏହି ମେଗା ରକ୍ତଦାନ ଶିବିରରେ ସମସ୍ତ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ମହାପ୍ରଭୁଙ୍କ ସେବା କରିଛନ୍ତି ବୋଲି ଏସ୍‌ପି ଶ୍ରୀ ଅଗ୍ରୱାଲ କହିଛନ୍ତି। ସଂଯୋଜକ ଟି. ମନୋଜ କୁମାର ପ୍ରଧାନ, ମାନସ ବେହେରା, ଶକ୍ତି ପ୍ରସାଦ ଦାସ, ବିଜୟ ଉପାଧ୍ୟାୟ, ନରେଶ ଚନ୍ଦ୍ର ପାଲ, ନଳିନୀକାନ୍ତ ମିଶ୍ର, ଯଜ୍ଞବ୍ରତ ମହାରଣା, ସଂଯୋଜିକା ମାମିନା ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ରୋଜାଲିନ୍ ସାହୁ, ଚିନ୍ମୟୀ ଲେଙ୍କା, ଶୁଭଶ୍ରୀ ମଲ୍ଲିକ, ତପସ୍ୱିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




■ 'ଓଡ଼ିଶାର ଲୋକଜୀବନ: ଶ୍ରୀଜଗନ୍ନାଥ' ପାଠଚକ୍ର

## 'ଶ୍ରୀଜଗନ୍ନାଥ ଓଡ଼ିଶା ଲୋକଜୀବନର ପ୍ରାଣାଧାର'



ପୁରୀ,୮।୬(ସମିସ): ଦାରୁ ଦେବତା ଶ୍ରୀଜଗନ୍ନାଥ ଓଡ଼ିଶା ପ୍ରଦେଶର କେବଳ ମାତ୍ର ରାଷ୍ଟ୍ରଦେବତା ନୁହନ୍ତି, ବରଂ ସାଢ଼େ ଚାରିକୋଟି ଓଡ଼ିଆଭାଷୀଙ୍କ ପ୍ରାଣାଧାର ଆରାଧ୍ୟ ଦେବତା। ଓଡ଼ିଆ ଲୋକଜୀବନର ଚମକ, ଚାହାଣି, ଚଳଣିରେ ଶ୍ରୀଜଗନ୍ନାଥ ଯୁଗପତ୍ ପରିଦୃଶ୍ୟମାନ୍ ଏବଂ ଲୋକଜୀବନର ପ୍ରାଣ ସ୍ପନ୍ଦନ ବୋଲି ବିଶିଷ୍ଟ ଲୋକତତ୍ତ୍ୱବିତ୍ ଡ. ଅରବିନ୍ଦ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

ଲୋକ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ୟୁଥ୍ ହଷ୍ଟେଲ୍‌ରେ ରବିବାର ଅନୁଷ୍ଠିତ 'ଓଡ଼ିଶାର ଲୋକଜୀବନ ଓ ଜଗନ୍ନାଥ' ଶୀର୍ଷକ ଜାତୀୟ ପାଠଚକ୍ରରେ ଉଦ୍‌ଘାଟକ ରୂପେ ଯୋଗଦେଇ ଡ. ପଟ୍ଟନାୟକ ଆଦିଶଙ୍କରାଚାର୍ଯ୍ୟ ବିରଚିତ 'ଜଗନ୍ନାଥାଷ୍ଟକମ୍'ର ସବିଶେଷ ବ୍ୟାଖ୍ୟା କରିବା ସଙ୍ଗେ ସଙ୍ଗେ ଜଗନ୍ନାଥ ଟେକ୍ସଟ୍ ଓ କଣ୍ଟେକ୍ସଟ୍ ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ଆମ ଲୋକଜୀବନରେ ଓତଃପ୍ରୋତ ଭାବେ ଜଡ଼ିତ ରହି ଆସିଛନ୍ତି ବୋଲି ଡ. ପଟ୍ଟନାୟକ କହିଥିଲେ। ସର୍ବୋଦୟନଗରସ୍ଥିତ ଲୋକ ସଂସ୍କୃତି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଦୁର୍ଗାମାଧବ ନନ୍ଦ ଏଥିରେ ପୌରୋହିତ୍ୟ କରିବା ସହିତ ସ୍ୱାଗତ ସମ୍ଭାଷଣ, ଅତିଥି ପରିଚୟ ଓ ଗବେଷଣା ପ୍ରତିଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଡ. ଦୁର୍ଗାମାଧବ ନନ୍ଦ ଓ ଡ. ନମିତା ପ୍ରଧାନଙ୍କ ଦ୍ୱାରା ସମ୍ପାଦିତ 'ଓଡ଼ିଶାର ଲୋକବାଣୀ' ଏବଂ ଡ. ଲମ୍ବୋଦର ପାଣିଗ୍ରାହୀଙ୍କ ଦ୍ୱାରା ସମୀକ୍ଷିତ ଓ ସମ୍ପାଦିତ ଆଲୋଚନା ଗ୍ରନ୍ଥ 'ଓଡ଼ିଆ ଚଉପଦୀ ସାହିତ୍ୟ ଓ କବିସୂର୍ଯ୍ୟ ବଳଦେବ ରଥ' ଆମନ୍ତ୍ରିତ ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଧର୍ମଶାସ୍ତ୍ର ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ମୁଖ୍ୟବକ୍ତା ରୂପେ ଯୋଗଦେଇ ଶ୍ରୀଜଗନ୍ନାଥ ଚେତନା ଓ ସଂସ୍କୃତିର ଲୋକାଶ୍ରୟୀ ଆବେଦନ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ସଭାପତି ଡ. ମଥୁରେନ୍ଦ୍ର ପୃଷ୍ଟି ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ଓଡ଼ିଶାର ଲୋକଜୀବନର ଆଦି ଉତ୍ସ, ବୃକ୍ଷ ଦେବତା ଓ ସୌର ଉପାସନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଲୋକସଂସ୍କୃତି ଗବେଷକ ଡ. ସୁରେନ୍ଦ୍ରନାଥ ସାହୁ ଓ ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିବିଧତାରେ ପୂର୍ଣ୍ଣ ଓଡ଼ିଶାର ଲୋକଜୀବନ ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଜି. ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ବରିଷ୍ଠ ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ ଉଦ୍‌ଘାଟନୀ ଉତ୍ସବର ସଂଯୋଜନା କରିଥିଲେ।

ଏହି ପାଠଚକ୍ରର ବୈଷୟିକ ଅଧିବେଶନରେ ଡ. ସରୋଜ କୁମାର ପରିଡ଼ା ସଭାପତିତ୍ୱ କରିଥିଲେ। ସୁଖ୍ୟାତ ଲୋକ ସଂସ୍କୃତି ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ ଓ ଜନଜାତି ଲୋକ ସଂସ୍କୃତି ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ ବିଷୟ ବିଶାରଦ ରୂପେ ଯୋଗଦେଇଥିଲେ। ସମୀକ୍ଷକ ରୂପେ ଡ. ନଳିନୀ କୁମାର ପାଣିଗ୍ରାହୀ ପଠିତ ପ୍ରବନ୍ଧଗୁଡ଼ିକର ସମୀକ୍ଷା କରିଥିଲେ। ଅଧିବେଶନରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ସଂଘମିତ୍ରା ବେହେରା, ଡ. ରଜନୀ ରଣସିଂହ, ପୂର୍ବତନ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ଶତପଥୀ, ବ୍ରହ୍ମପୁର କନିଷିସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନର ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ନମିତା ପ୍ରଧାନ, ଡ. ରାଜେନ୍ଦ୍ର ପାଢ଼ୀ ପ୍ରମୁଖ 'ଓଡ଼ିଶାର ଲୋକ ଜୀବନ: ଶ୍ରୀଜଗନ୍ନାଥ' ଆଧାରିତ ପ୍ରବନ୍ଧମାନ ଉପସ୍ଥାପନ କରିଥିଲେ। ଶେଷରେ ଡ. ନମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA



ସୁଧୁରୁନି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ରୋଗୀଙ୍କୁ ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟସେବା

ନୟାଗଡ଼, ୮।୬(ସମିସ)

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବିବାଦ ପିଛା ଛାଡୁନି। କିଛିଦିନ ତଳେ ଜଣେ ମହିଳାଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା ମଧ୍ୟ ଦେଖାଯାଇଥିଲା। ତଥାପି ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ପରିବର୍ତ୍ତନ କରିବା ପାଇଁ ଆଦୌ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗଠାରୁ ଆରମ୍ଭ କରି ଶିଶୁ, ମେଡିସିନ୍ ଏବଂ ଅସ୍ଥି ବିଭାଗ ପର୍ଯ୍ୟନ୍ତ ସବୁଠାରେ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ଅଭିଯୋଗ ଦୀର୍ଘ ହୋଇ ଚାଲିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବ ସମସ୍ୟା ଚରମ ସ୍ଥିତିରେ ପହଞ୍ଚିଥିବାବେଳେ ସାଧାରଣ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ସ୍ୱାସ୍ଥ୍ୟ ବିଭାଗ ବିଫଳ ବୋଲି ଅଭିଯୋଗ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କିଛି ବରିଷ୍ଠ ଡାକ୍ତରଙ୍କ ମନମାନୀ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବରିଷ୍ଠ ଡାକ୍ତରମାନେ କାହା କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ଆଲୋଚନା ହେଉଛି। ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବଦଳି ହୋଇନଥିବା କିଛି ଡାକ୍ତରଙ୍କ ମନମାନୀ ଏବଂ ଅର୍ଥପିପାସୁ ମନୋବୃତ୍ତି ପାଇଁ ନୟାଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ପାଇବା ବ୍ୟୟବହୁଳ ହେଉଛି।

ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିବା ବଦଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଲିନିକ୍ ଓ ନର୍ସିଂହୋମକୁ ପଠାଯାଉଛି। ରୋଗୀଙ୍କୁ କ୍ଲିନିକ୍ ଓ

- ୧୦ ବର୍ଷ ଧରି ବଦଳୁ ନାହାନ୍ତି ଡାକ୍ତର
- ଡାକ୍ତରଖାନାରେ କେବଳ କାମଚଳା ଡ୍ୟୁଟି

ନର୍ସିଂହୋମ୍ ପଠାଇବା କ୍ଷେତ୍ରରେ ଅସ୍ଥି ବିଭାଗ ସବୁଠାରୁ ଆଗରେ ବୋଲି ଅଭିଯୋଗ ହେଉଛି। ନୟାଗଡ଼ ଥାନା ସାମ୍ନାରେ ଥିବା ଏକ କ୍ଲିନିକ୍‌ରେ ଯାଇ ଦେଖାକରିବା ପାଇଁ ଡାକ୍ତର ଓ କ୍ଲିନିକ୍ ମାଲିକଙ୍କ ଦ୍ୱାରା ନିୟୋଜିତ ଦଲାଲମାନେ ରୋଗୀଙ୍କୁ ପ୍ରବର୍ତ୍ତାଉଛନ୍ତି। ସେହିଭଳି ଭାବେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ବିଭାଗ ଓ ମେଡିସିନ ବିଭାଗରେ ସବୁଠାରୁ ଅଧିକ ସମସ୍ୟା ସୃଷ୍ଟି ହେଉଛି। ଡାକ୍ତର ସରକାରୀ ଡାକ୍ତରଖାନାରେ କେବଳ କାମଚଳା ଡ୍ୟୁଟି କରୁଥିବାବେଳେ ନିଜ ଘରେ ଅଥବା ଅନ୍ୟ ସ୍ଥାନରେ କ୍ଲିନିକ୍‌କୁ ବେଶୀ ଗୁରୁତ୍ୱ ଦେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ରୁ ଉର୍ଦ୍ଧ୍ୱ ଡାକ୍ତର ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରି ଆସୁଛନ୍ତି। ସେମାନଙ୍କ ଜିଲ୍ଲା ଭିତରେ କିମ୍ବା ଜିଲ୍ଲା ବାହାରକୁ ବଦଳି ହେଉନାହିଁ। ସରକାରଙ୍କ ବଦଳି ନିୟମରୁ ଏହି ଡାକ୍ତରମାନେ ବାହାରେ କି ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ଚକ୍ଷୁ ବିଭାଗରେ ସବୁଠାରୁ ବଡ଼ ସମସ୍ୟା ଦେଖାଯାଉଛି। ଡାକ୍ତରମାନେ ରୋଗୀଙ୍କୁ ଶୋଷଣ କରିବା ପାଇଁ ଚଷମା ଓ ଲେନ୍ସ କିଣିବାକୁ ନିର୍ଦ୍ଦିଷ୍ଟ ଡାକ୍ତରଖାନାକୁ ପଠାଉଥିବା ଅଭିଯୋଗ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଳମାଳ ଦଲାଲ ବୁଲୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ କି ପୁଲିସ ପ୍ରଶାସନ କେହି ବି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗିଡ଼ିବାରେ ଲାଗିଛି।

## ଗେଟ୍‌କୁ ଛୁଇଁଲେ ମାରୁଛି କରେଣ୍ଟ; ମହିଳା ଗୁରୁତର



ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଅବ୍ୟବସ୍ଥା ସହ ପରିଚାଳନା ଅବ୍ୟବସ୍ଥା ମଧ୍ୟ ସାଂଘାତିକ ସ୍ଥିତିରେ ପହଞ୍ଚିଛି। ଡାକ୍ତରଖାନା ସଫେଇଠାରୁ ଆରମ୍ଭ କରି ଅନେକ କ୍ଷେତ୍ରରେ ଅବ୍ୟବସ୍ଥା ଦେଖାଯାଉଛି। ରବିବାର ଏଭଳି ଏକ ଅବ୍ୟବସ୍ଥା ପାଇଁ ଜଣେ ମହିଳାଙ୍କୁ କରେଣ୍ଟ ଲାଗି ସେ ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ହେଲେ ଶରଣକୁଳ ଥାନା ବଡ଼କୁଟୁଣୀ ଗ୍ରାମ ସୁଜାତା ସାହୁ। ସେ ତାଙ୍କ ଆଈଙ୍କୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତରଖାନା ନମୁନା ସଂଗ୍ରହ କେନ୍ଦ୍ରରେ ଲାଗିଥିବା ଲୁହା ଗେଟ୍‌ରେ କରେଣ୍ଟ ଲାଗିବାରୁ ସେ ଅସୁସ୍ଥ ହୋଇଛନ୍ତି। କେବଳ ସୁଜାତା ନୁହନ୍ତି, ଅନେକ ରୋଗୀ ଏବଂ ରୋଗୀ ସମ୍ପର୍କୀୟଙ୍କୁ ରବିବାର ଉକ୍ତ ଗେଟ୍‌ରୁ କରେଣ୍ଟ ଲାଗିଥିବା ଅଭିଯୋଗ ହୋଇଛି।

■ ଓଡ଼ଗାଁ ଏନ୍‌ଏସି ନିର୍ବାଚନ

## ୱାର୍ଡ ସଂରକ୍ଷଣରେ ପଛୁଆବର୍ଗଙ୍କୁ ଅଣଦେଖା

ଓଡ଼ଗାଁ, ୮।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ନିର୍ବାଚନ ପାଇଁ ପ୍ରସ୍ତାବିତ ୱାର୍ଡ ସଂରକ୍ଷଣ ତାଲିକାରେ ପଛୁଆବର୍ଗର ଜାତି ସମୂହଙ୍କ ପ୍ରତି ଅଣଦେଖା କରାଯିବା ଘଟଣାକୁ ନେଇ ନୟାଗଡ଼ ବିଧାନସଭା କଂଗ୍ରେସ ପ୍ରାର୍ଥୀ ଥିବା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଗତ ମେ' ୧୯ରେ ପ୍ରକାଶିତ ଆସନ ସଂରକ୍ଷଣ ତାଲିକାରେ ପଛୁଆବର୍ଗଙ୍କ ପାଇଁ ଆସନ ସଂରକ୍ଷିତ ରହିଥିବାବେଳେ ଗତ ୫ ଜୁନ୍‌ରେ ତାହା ସଂଶୋଧିତ ସଂରକ୍ଷଣ ତାଲିକାରୁ ବାଦ୍ ପଡ଼ିଛି। ୨୦୨୨ ଓଡ଼ିଶା ସଂଶୋଧିତ ପୌର ଆଇନ ଆଳ ଦେଖାଇ ପଛୁଆବର୍ଗଙ୍କୁ ଆସନ ସଂରକ୍ଷଣ ତାଲିକାରୁ ବାଦ୍ ଦେଇ ସେମାନଙ୍କର ରାଜନୈତିକ ଅଧିକାର କ୍ଷୁଣ୍ଣ କରାଯାଇଛି ବୋଲି କଂଗ୍ରେସ ନେତା ଅଭିଯୋଗ କରିଛନ୍ତି। ଜାତୀୟସ୍ତରୀୟ ଚାକିରି କ୍ଷେତ୍ରରେ ପଛୁଆବର୍ଗଙ୍କୁ ୨୭ ପ୍ରତିଶତ ଏବଂ ଓଡ଼ିଶା ରାଜ୍ୟରେ ୧୧.୫ ପ୍ରତିଶତ ସଂରକ୍ଷଣ ଭଳି ସାମ୍ବିଧାନିକ ଅଧିକାର କାର୍ଯ୍ୟକାରୀ ହେଉଥିବାବେଳେ ଓଡ଼ଗାଁ ଏନ୍‌ଏସି ନିର୍ବାଚନ ୱାର୍ଡ ସଂରକ୍ଷଣ ତାଲିକାରେ ପଛୁଆ ବର୍ଗଙ୍କୁ ସଂରକ୍ଷଣ ତାଲିକାରୁ ବାଦ୍ ଦେବା ନିଷ୍ପତ୍ତି ପଛୁଆବର୍ଗ ଜାତି ସମୂହଙ୍କ ସାମ୍ବିଧାନିକ ଗଣତାନ୍ତ୍ରିକ ଏବଂ ରାଜନୈତିକ ଅଧିକାରରୁ ବଞ୍ଚିତ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା କଂଗ୍ରେସ ପକ୍ଷରୁ ପ୍ରେସ୍‌ବାର୍ତ୍ତାରେ କୁହାଯାଇଛି। ସମ୍ପ୍ରତି ସମଗ୍ର ଦେଶରେ 'ଯେଉଁ ଜାତିର ସଂଖ୍ୟା ଯେତେ, ତା'ର ଭାଗ ସେତେ' ପ୍ରସଙ୍ଗରେ ଜାତି ଜନଗଣନା ଉପରେ କେନ୍ଦ୍ର କ୍ୟାବିନେଟ୍ ମୋହର ବାଜି ସାରିବା ପରେ ପଛୁଆବର୍ଗଙ୍କ ରାଜନୈତିକ ଅଧିକାରକୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦୁଇଦୁଇଟା ସଂରକ୍ଷିତ ତାଲିକା ପ୍ରକାଶ କରି ଅଣଦେଖା କରିବା ଏକ ଆଇନଗତ ପ୍ରଶ୍ନ ବୋଲି ଶ୍ରୀ ଦାଶ କହିଛନ୍ତି। ରାଜ୍ୟରେ ଗତ ପୌର ନିର୍ବାଚନ ଏବଂ ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗଙ୍କ ପାଇଁ ନିର୍ଦ୍ଧାରିତ ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ କାହିଁକି ନୁହେଁ। ସୋମବାର ଜିଲ୍ଲାପାଳଙ୍କୁ ଏ ନେଇ ସ୍ମାରକପାତ୍ର ପ୍ରଦାନ କରାଯିବ। ଆବଶ୍ୟକ ପଡ଼ିଲେ ପଛୁଆବର୍ଗ ଜାତିଙ୍କ ରାଜନୈତିକ ଅଧିକାର ଛଡ଼ାଇ ନିଆଯାଏ, ତେବେ କଂଗ୍ରେସ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ମା' ଦକ୍ଷିଣକାଳୀ ମନ୍ଦିରରେ ଲାଗିବ ପିତ୍ତଳ କବାଟ

ନୟାଗଡ଼, ୮।୬(ସମିସ): ନୟାଗଡ଼ ଜିଲ୍ଲା ପୁରୁଣାସହରଠାରେ ଅବସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିର ନୂତନ ଭାବେ ନିର୍ମାଣ କରାଯାଉଛି। ପୂର୍ବ ସରକାର ସମୟରେ ମିଳିଥିବା ଅନୁଦାନରେ ଏହି ମନ୍ଦିର ନିର୍ମାଣ କରାଯାଉଛି। ମନ୍ଦିର ମୁଖ୍ୟ କବାଟକୁ ପିତ୍ତଳରେ ନିର୍ମାଣ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ରବିବାର ପୂର୍ବାହ୍ଣରେ ମା' ଦକ୍ଷିଣକାଳୀ ମନ୍ଦିର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ସଦସ୍ୟଙ୍କ ସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଅନୁମାନ କରାଯାଇଛି। ଭକ୍ତଙ୍କ ଦାନ ସୂତ୍ରରୁ ଏହି



କବାଟ ନିର୍ମାଣ କରାଯିବାକୁ ଯୋଜନା ରହିଥିବା ମନ୍ଦିର ପରିଚାଳନା କମିଟି ସଭାପତି ପ୍ରମୋଦ ପଟ୍ଟନାୟକ କହିଛନ୍ତି। ରବିବାର ଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ କମିଟି ବୈଠକରେ ସମ୍ପାଦକ କିଷାନ ଦାଶ, ଉପସଭାପତି ଦାଶରଥି ସାହୁ, ଲକ୍ଷ୍ମୀଧର ମହାପାତ୍ର, କୋଷାଧ୍ୟକ୍ଷ କମଳ କୁମାର ପଟ୍ଟନାୟକଙ୍କ ସମେତ ବହୁ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ। ଏହା ସହିତ ମନ୍ଦିରର ଆୟବୃଦ୍ଧି, ଆଗାମୀ ପଣାଯାତ୍ରା ଏବଂ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୁଲିସ, ଅଗ୍ନିଶମ ବିଭାଗ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ଓ ଦେବୋତ୍ତର ବିଭାଗ କର୍ମଚାରୀ ସାମିଲ ହୋଇଥିଲେ।

## ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ

ଶରଣକୁଳ, ୮।୬(ସମିସ): ଓଡ଼ଗାଁ ବ୍ଲକ‌ାନ୍ତର୍ଗତ ନନ୍ଦିଘୋର ନୂଆସାହିଠାରେ ବିରାଜିତ ଶ୍ରୀଶ୍ରୀ ଶନିଶ୍ଚରଦେବଙ୍କ ବାର୍ଷିକ ଉତ୍ସବ ଓ ନବଗ୍ରହ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରାତଃ ସମୟରେ ନିକଟବର୍ତ୍ତୀ ରାଜବନ୍ଧ ପୋଖରୀରୁ ୧୦୮ ଜଳପୂର୍ଣ୍ଣ ଘଟ ଧରି ମହିଳାମାନେ ଗ୍ରାମ ପରିକ୍ରମା କରିବା ପରେ ପୂଜା ମଣ୍ଡପରେ ସ୍ଥାପନା କରିଥିଲେ। ପରେ ପରେ ସୂର୍ଯ୍ୟ ପୂଜା, ଗୁରୁପୂଜା, ଗୋ-ପୂଜା, ମହାସ୍ନାନ, ନବଗ୍ରହଙ୍କ ଷୋଡ଼ଶ ଉପଚାର ପୂଜା, ହବନ, ଆଳତି, ସପ୍ତଚଣ୍ଡୀ ଆହୁତି ଓ ଗୀତାପାଠ କରାଯାଇଥିଲା। ଅନ୍ୟପକ୍ଷରେ ନବଗ୍ରହ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ଓ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ଶନିଶ୍ଚର ମନ୍ଦିର ପରିଚାଳନା କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଶନିଶ୍ଚରଦେବଙ୍କ ମନ୍ଦିର ପୂଜକ ଶଙ୍କର ଦାଶଙ୍କ ସମେତ ପଣ୍ଡିତ ଗୋଦାବରୀଶ ମିଶ୍ର, ଦୀପକ ପ୍ରହରାଜ, ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଓ ଲକ୍ଷ୍ମୀଧର ଦାଶ, କର୍ତ୍ତା ତଥା ଅନୁଷ୍ଠାନର ସଭାପତି ଅଶୋକ କୁମାର ସାହୁ ଓ ଶାନ୍ତିଲତା ସାହୁ ପ୍ରମୁଖ ସମସ୍ତ ପୂଜା କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ।

■ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

## କର୍ମଚାରୀଙ୍କ ଉପରେ ରାଗ ସୁଝାଉଛନ୍ତି ସମ୍ପାଦକ

ନୟାଗଡ଼, ୮।୬(ସମିସ): ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ପରିଚାଳନା ପରିଷଦ ଏବଂ ସମ୍ପାଦକଙ୍କ ମଧ୍ୟରେ ଚାଲିଥିବା ବିବାଦ ଥମିବାର ନାଁ ଧରୁନି। କିଛି କର୍ମଚାରୀ ସମ୍ପାଦକଙ୍କ ସପକ୍ଷରେ ରହିଥିବାବେଳେ କିଛି କର୍ମଚାରୀ ବ୍ୟାଙ୍କ ପରିଚାଳନା ପରିଷଦ ସପକ୍ଷରେ ରହିଛନ୍ତି। ଯାହାକୁ ନେଇ ସମ୍ପାଦକ ପରିଚାଳନା ପରିଷଦ ସପକ୍ଷରେ ରହିଥିବା କର୍ମଚାରୀଙ୍କ ଉପରେ ରାଗ ସୁଝାଉଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ଭାପୁର ଶାଖା ପରିଚାଳକ ଶୁଭଶ୍ରୀ ରାଉତରାୟଙ୍କୁ ବ୍ୟାଙ୍କ ସମ୍ପାଦକ କୌଣସି କାରଣ ନ ଦର୍ଶାଇ ଆକ୍ରୋଶମୂଳକ ଭାବେ ନିଲମ୍ବନ କରିଥିଲେ। କୌଣସି କର୍ମଚାରୀଙ୍କୁ ନିଲମ୍ବନ କରିବା କ୍ଷମତା ସମ୍ପାଦକଙ୍କର ନ ଥିବାବେଳେ ଏଭଳି କରିବା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

- ଭାପୁର ପରିଚାଳକଙ୍କୁ କରିଥିଲେ ନିଲମ୍ବନ
- ଉଚ୍ଚ ନ୍ୟାୟାଳୟରେ କାଟ୍ ଖାଇଲା ନିର୍ଦ୍ଦେଶ

ଏହି ନିଲମ୍ବନ ଆଦେଶ ପରେ ବ୍ୟାଙ୍କ ସଭାପତି ଏହା ଅଣସାମ୍ବିଧାନିକ ବୋଲି ଉଲ୍ଲେଖ କରି ଶୁଭଶ୍ରୀଙ୍କୁ କାର୍ଯ୍ୟ କରିବାକୁ ଆଦେଶ ଦେଇଥିଲେ। ଅନ୍ୟପକ୍ଷେ, ନିଲମ୍ବନ ଆଦେଶ ବିରୁଦ୍ଧରେ ଶୁଭଶ୍ରୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବା ପରେ ସମ୍ପାଦକଙ୍କ ନିଲମ୍ବନ ଆଦେଶ କାଟ୍ ଖାଇଥିବା ଜଣାପଡ଼ିଛି। ବ୍ୟାଙ୍କରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ନେଇ ଦିନକୁ ଦିନ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ବ୍ୟାଙ୍କ ସମ୍ପାଦକଙ୍କ ମନମୁଖି କାର୍ଯ୍ୟ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। କେବେ ଏହି ପରିସ୍ଥିତି ସୁଧୁରିବ ଏବଂ ଚାଷୀ ସମବାୟ ସୁବିଧା ପାଇପାରିବେ ବୋଲି ପ୍ରଶ୍ନ ଉଠିଛି।

## ନିଶା ନିବାରଣ ସଚେତନତା

ଖଣ୍ଡପଡ଼ା, ୮।୬(ସମିସ): ବିଭିନ୍ନ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା, ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିନିମନ୍ତେ ମେ' ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ୟାପକ ଜନସଚେତନତା ଅଭିଯାନ କରାଯାଉଛି। ଏହି ପରିପ୍ରେକ୍ଷୀରେବ୍ଲକଅଧୀନଯୋଗିଆପଲ୍ଲୀଗ୍ରାମରୁଖଣ୍ଡପଡ଼ାଅବକାରୀବିଭାଗପକ୍ଷରୁନିଶାନିବାରଣ ନିମନ୍ତେ ଏକ ସଚେତନତା ରଥକୁ ଅବକାରୀ ଅଧୀକ୍ଷକ ଜ୍ଞାନରଞ୍ଜନ ପଣ୍ଡା ଶୁଭାରମ୍ଭ କରିଛନ୍ତି। ନିଶା ନୁହେଁ, ଜୀବନକୁ ବାଛିବା ନିମନ୍ତେ ସଂକଳ୍ପ ନେବା ପାଇଁ ଯୁବ ସମାଜ ଓ ଜନସାଧାରଣଙ୍କୁ ଏହି ରଥ ସଚେତନ କରିବ। ଖଣ୍ଡପଡ଼ା ଅବକାରୀ ବିଭାଗ ଅଧିକାରୀ ଦୀପକ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

## ବୃକ୍ଷରୋପଣ କଲେ ପୁରାତନ ଛାତ୍ରଛାତ୍ରୀ

ଭାପୁର, ୮।୬(ସମିସ): ଶିକ୍ଷକଶିକ୍ଷୟିତ୍ରୀମାନେ ଅବସର ନିଅନ୍ତି ଓ ତାଙ୍କୁ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଏ। ମାତ୍ର ଜଣେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକଙ୍କୁ ପୁରାତନ ଛାତ୍ରଛାତ୍ରୀମାନେ ସ୍ୱତନ୍ତ୍ର ଭାବେ ବିଦାୟ ସମ୍ବର୍ଦ୍ଧନା ଦେବା ସହ ତାଙ୍କ ସ୍ମୃତିରେ ବୃକ୍ଷରୋପଣ କରିବା ସମସ୍ତଙ୍କ ପାଇଁ ଏକ ସ୍ୱତନ୍ତ୍ର ବାର୍ତ୍ତା ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ବଳଦିଆନୂଆଗାଁ ନୋଡାଲ ହାଇସ୍କୁଲରେ ରବିବାର ଆୟୋଜିତ ହୋଇଛି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଗତ ସପ୍ତାହରେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଗଦାଧର ପଣ୍ଡାଙ୍କୁ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଏକ ନିଆରା ଢଙ୍ଗରେ ବିଦାୟ ସମ୍ବର୍ଦ୍ଧନା ଦେଇଛି। ପୁରାତନ ଛାତ୍ର ଗୁଣନିଧି ଦାସ, ବଂଶୀଧର ହରିଚନ୍ଦନ ଓ ପୂର୍ବତନ ସରପଞ୍ଚ ନବକିଶୋର ସାହୁଙ୍କ ନେତୃତ୍ୱରେ ପୁରାତନ ଛାତ୍ରମାନେ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କୁ ସବୁଦିନେ ମନେରଖିବା ପାଇଁ ବିଦ୍ୟାଳୟ ପରିସରରେ ସମସ୍ତଙ୍କ ଉପସ୍ଥିତିରେ ପ୍ରଧାନଶିକ୍ଷକ ବୃକ୍ଷରୋପଣ କରିଥିଲେ। ଏହା ସହ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ପୂରଣ ପାଇଁ ବିଧାୟକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି।



■ ସାଂସଦଙ୍କୁ ହୋଇଥା'ନ୍ତା ଅଣ୍ଡାମାଡ଼

## ଛାତ୍ର କଂଗ୍ରେସ ନେତାଙ୍କୁ ଉଠାଇନେଲା ପୁଲିସ

ନୟାଗଡ଼, ୮।୬(ସମିସ): ନୟାଗଡ଼ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ରବିବାର ପୁରୀ ସାଂସଦ ସମ୍ବିତ ପାତ୍ରଙ୍କୁ ଅଣ୍ଡାମାଡ଼ ଓ କଳାପତାକା ପ୍ରଦର୍ଶନ ପାଇଁ ସବୁପ୍ରକାର ବ୍ୟବସ୍ଥା ହୋଇଥିଲା। ନୟାଗଡ଼ ପିଟିଏସ୍ ଛକରେ ଏଥିପାଇଁ ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଶିବ ରଞ୍ଜନ ସାହୁ, ଛାତ୍ରନେତା ଦିଲ୍ଲୀପ ବିଶୋଇଙ୍କ ସମେତ ଅନେକ ସଜବାଜ ହୋଇ ରହିଥିଲେ। କୌଣସି ସୂତ୍ରରୁ ଖବର ପାଇ ନୟାଗଡ଼ ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ପୁଲିସ ଟିମ୍ ସହାୟତାରେ ସେମାନଙ୍କୁ ଉଠାଇ ନେଇଥିଲେ। ଦୀର୍ଘ ସମୟ ଧରି ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ସାହୁ ଏବଂ ଛାତ୍ରନେତା ଶ୍ରୀ ବିଶୋଇଙ୍କୁ ଅଟକ ରଖାଯିବା ପରେ ପୁଲିସ ଛାଡ଼ିଥିବା ସୂଚନା ମିଳିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସାଂସଦ ଶ୍ରୀ ପାତ୍ର ଦେଇଥିବା ଆପତ୍ତିଜନକ ମନ୍ତବ୍ୟର ଜବାବ ନିହାତି ଦିଆଯିବ ବୋଲି ଛାତ୍ର କଂଗ୍ରେସ ନେତା କହିଛନ୍ତି। ଏହା ସହିତ ନୟାଗଡ଼ବାସୀଙ୍କ ସହ ସାଂସଦ କରିଥିବା ଧୋକାବାଜି ବିରୁଦ୍ଧରେ ଛାତ୍ର କଂଗ୍ରେସ ପ୍ରତିବାଦ କରିବ ବୋଲି କହିଛନ୍ତି। ୧୦୦ ଦିନରେ ଚିନିକଳ ଚଳାଇବା ପାଇଁ କହିଥିବା ସାଂସଦ ଗତିପଥ ବଦଳାଇ ନଳକୂଅ ଉଦ୍‌ଘାଟନ କରିବା ଲଜ୍ଜାଜନକ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ନୟାଗଡ଼ ଏବଂ ଓଡ଼ଗାଁରେ ତାଙ୍କୁ ଜୋର୍‌ଦାର ବିରୋଧ କରାଯିବ। ଏହା ସହିତ ସୋମବାର ଛାତ୍ର କଂଗ୍ରେସ ଗୋବର ପାଣି ସିଞ୍ଚନ କରିବ ବୋଲି ସୂଚନା ଦେଇଛନ୍ତି।



## ୩୭ ୟୁନିଟ୍ ରକ୍ତ ସଂଗ୍ରହ

ଓଡ଼ଗାଁ, ୮।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଦଣ୍ଡୋର ଜୟଶ୍ରୀ ପାଣିଷଣ୍ଢ ଯୁବ ସଂସଦ ଏବଂ ନୟାଗଡ଼ ରକ୍ତ ଭଣ୍ଡାରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଗ୍ରୀଷ୍ମ ଋତୁରେ ରକ୍ତ ଅଭାବକୁ ପୂରଣ କରିବା ନିମନ୍ତେ ଗୁଳୁଗୁଳିକୁ ଖାତିର୍ ନ କରି କ୍ଲବ୍‌ର ସଦସ୍ୟମାନଙ୍କ ସମେତ ଦଣ୍ଡୋର, ଲିଙ୍ଗରାଜ ପ୍ରସାଦ, ଦେଓଗାଁ, କୁରାଳ, ଗୋଡ଼ିପଲ୍ଲୀ, ନବରତ୍ନପୁର ଇତ୍ୟାଦି ଗ୍ରାମର ଆଗ୍ରହୀ ରକ୍ତଦାତାମାନେ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି। କୋମଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନରେଶ ନାୟକଙ୍କ ସହିତ ନୟାଗଡ଼ ରକ୍ତ ଭଣ୍ଡାର କର୍ମଚାରୀମାନଙ୍କ ନିରଳସ ସେବା ପ୍ରଦାନ ପ୍ରଶଂସନୀୟ ବୋଲି ସମାଜସେବୀ ଦାମୋଦର ସାହୁ, କୁରାଳ ସରପଞ୍ଚ ବିଜନ୍ ପାଇକରାୟ, 'ପ୍ରକୃତି ବନ୍ଧୁ' ପଞ୍ଚାନନ ପଣ୍ଡା ପ୍ରମୁଖ ମତ ରଖିଥିଲେ। କ୍ଲବର ସଭାପତି ପ୍ରସନ୍ନ କୁମାର ରାଉତଙ୍କ ମାର୍ଗଦର୍ଶନ ଏବଂ ସମ୍ପାଦକ ପ୍ରଦୋଷ କୁମାର ରାଉତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲାବେଳେ ସୁଶାନ୍ତ ବିଶୋଇ ଓ ରଞ୍ଜନ କୁମାର ରାଉତ ସହଯୋଗ କରିଥିଲେ।

■ ଫ୍ରେଣ୍ଡସିପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ୩ୟ ଲିଗ୍‌ରେ ରାଣୀଭୂଇଁ ଓ କମଳାଡିହ ବିଜୟୀ



ଗଣିଆ, ୮।୬(ସମିସ): ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ବଡ଼ମୂଳ ପ୍ରଗଣାରେ ଆୟୋଜିତ ହେଉଥିବା ଫ୍ରେଣ୍ଡସିପ୍ କ୍ରିକେଟ କ୍ଲବ୍ ତରଫରୁ ଫ୍ରେଣ୍ଡସିପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସ ପ୍ରଥମ ମ୍ୟାଚ୍ ଡିଏସ୍‌ସି ବଡ଼ଶିଳିଙ୍ଗା ବନାମ ଓ ଏମ୍‌ସିସି ରାଣୀଭୂଇଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବଡ଼ଶିଳିଙ୍ଗା ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୮ ୱିକେଟ୍ ହରାଇ ୮ ଓଭରରେ ୬୩ କରିବାରେ ସକ୍ଷମ ହୋଇଥିଲା। ଜବାବରେ ରାଣୀଭୂଇଁ ନିର୍ଦ୍ଧାରିତ ଓଭରରେ ୬୪ ରନ୍‌ର ପିଛା କରି ୭.୪ ଓଭର୍‌ରେ ୫ ୱିକେଟ ବିନିମୟରେ ୬୫ ରନ୍ କରି ବିଜୟ ହାସଲ କରି ନେଇଛି। ମୁଖ୍ୟ ଅତିଥି ଭାବେ ମଳୟ ରଞ୍ଜନ ରଣା, ଫ୍ରେଣ୍ଡସିପ୍ କ୍ରିକେଟ୍ କ୍ଲବ୍ ସଭାପତି ପ୍ରଶାନ୍ତ ବେହେରା, ଟୁର୍ଣ୍ଣାମେଣ୍ଟ କ୍ୟାସିୟର ବିଜୟାନନ୍ଦ ତରେଇ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ସର୍ବାଧିକ ରନ୍ କରିବା ସହିତ ୩ଟି ୱିକେଟ ନେଇ ଆଲୋକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଜେଏମ୍‌ଡିସିସି ଛାମୁଣ୍ଡିଆ ବନାମ ଏମ୍‌ବିସିସି କମଳାଡିହ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଛାମୁଣ୍ଡିଆ ୧୦ ଓଭରରେ ୭ ୱିକେଟ୍ ହରାଇ ୯୫ ରନ୍ କରିବାରେ ସକ୍ଷମ ହୋଇଥିଲା। ଜବାବରେ କମଳାଡିହ ୮ ଓଭରରେ ୯୯ ରନ୍ କରି ବାଜି ମାରି ନେଇଥିଲା। ମୁଖ୍ୟ ଅତିଥି ଭାବେ ଆଡଭାନ୍ସ ଟ୍ୟୁଟୋରିଆଲ ପରିଚାଳକ ତଥା ସାମ୍ବାଦିକ ସଂଘର ସଭାପତି ବିଶ୍ୱରଞ୍ଜନ ସେଠୀ, ବିଶିଷ୍ଟ ଅତିଥି ଭାବେ ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ଅଖିଳ ବିହାରୀ ପାଣିଗ୍ରାହୀ ଯୋଗଦେଇଥିଲେ। ସରୋଜ ରଣା, ହାଡ଼ିବନ୍ଧୁ ବେହେରା ଖେଳ ପରିଚାଳନା କରିଥିଲେ।

ଓଡ଼ଗାଁ କ୍ରିକେଟ ଲିଗ୍ ଉଦ୍‌ଘାଟିତ

## ସ୍ମାଇଲ୍, ଇନ୍‌ଭିଜିବୁଲ୍, ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ ବିଜୟୀ

ଓଡ଼ଗାଁ, ୮।୬(ସମିସ)



ନୟାଗଡ଼ ଜିଲ୍ଲା ଓଡ଼ଗାଁ ସ୍ଥାନୀୟ ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ୧୬ତମ ଓଡ଼ଗାଁ କ୍ରିକେଟ୍ ଲିଗ୍(ଓସିଏଲ୍) ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନ ୩ଟି ମ୍ୟାଚ୍‌ରେ ଯଥାକ୍ରମେ ସ୍ମାଇଲ୍ ଇଲେଭେନ୍, ଇନ୍‌ଭିଜିବୁଲ୍ ଇଲେଭେନ୍ ଏବଂ ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ ଦଳ ବିଜୟ ହାସଲ କରିଛନ୍ତି। ଉଦ୍‌ଘାଟନର ପ୍ରଥମ ମ୍ୟାଚ୍ ସ୍ମାଇଲ୍ ଇଲେଭେନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ୍ ବିନିମୟରେ ୧୩୮ ରନ୍ ସଂଗ୍ରହ କରିଥିଲେ। ଫାଇଟର ଇଲେଭେନ ମୁକାବିଲା କରିବାକୁ ଯାଇ ୯.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୨ ରନ୍‌ରେ ସୀମିତ ରହିଥିଲେ। ବିଜୟୀ ଦଳର ନିତିଆ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଇନ୍‌ଭିଜିବୁଲ ଇଲେଭେନ୍ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ୍‌ରେ ଇଲେଭେନ୍ ପାନ୍ଥର୍ସ ନିର୍ଦ୍ଧାରିତ ୧୦ ଓଭରରେ ୯ ୱିକେଟ୍ ହରାଇ ୮୬ ରନ୍ ସଂଗ୍ରହ କରିଥିବାବେଳେ ଦ୍ୱିତୀୟ ଇନିଂସ୍‌ରେ ଇନ୍‌ଭିଜିବୁଲ ଇଲେଭେନ୍ ବ୍ୟାଟିଂ କରି ୮.୩ ଓଭରରେ ୩ ୱିକେଟ୍ ବିନିମୟରେ ୮୮ ରନ୍ କରି ୭ ୱିକେଟ୍‌ରେ ମ୍ୟାଚ୍ ଜିତିଯାଇଥିଲା। ବିଜୟୀ ଦଳର ମୁନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସେହିପରି ତୃତୀୟ ମ୍ୟାଚ୍‌ରେ ଏକ୍ସଟ୍ରିମ୍ ବ୍ଲାଷ୍ଟର୍ସ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ୍ ବିନିମୟରେ ୧୬୦ ରନ୍ ସଂଗ୍ରହ କରିଥିଲା। ସ୍ୱାଇଡର ଇଲେଭେନ ଏହାର ମୁକାବିଲା କରିବାକୁ ଯାଇ ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ୍ ହରାଇ ୯୦ ରନ୍‌ରେ ସୀମିତ ରହି ପରାଜିତ ହୋଇଥିଲା। ମିଥୁନ, ରାଜେଶ, ଶୁଭଙ୍କର, ଆରିୟାନ, କିଷନ, ଚନ୍ଦନ, ଶୁଭମ୍, ଅମିତ୍ ଓ ଗୋପାଳକୃଷ୍ଣ ଖେଳକୁ ପରିଚାଳନା କରିଥିଲେ। ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି, ଓଡ଼ଗାଁ ଆଦର୍ଶ ଥାନା ଏସ୍‌ଆଇ ଚକ୍ରଧର ସିଂ, ସାମ୍ବାଦିକ ସାରସ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ଆରମ୍ଭ ପୂର୍ବରୁ ସମସ୍ତ ଖେଳାଳି ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନର ସମ୍ପାଦକ ଦିବାକର ନାୟକଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଦେବାଶିଷ ପଟ୍ଟନାୟକଙ୍କ ସହିତ ରଘୁନାଥଜୀଉଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ବାହାରି ଓଡ଼ଗାଁ ମିନିଷ୍ଟାଡିୟମ୍‌ଠାରେ ପହଞ୍ଚିବା ପରେ ଖେଳ ଆରମ୍ଭ ହୋଇଥିଲା।

## ଟାଙ୍ଗୀରେ ନୂତନ ବୃଦ୍ଧାଶ୍ରମ ଲୋକାର୍ପିତ



ଟାଙ୍ଗୀ,୮।୬(ସମିସ): ଟାଙ୍ଗୀ ରତ୍ନମାଳୀ ପାଟଣା ସାହିରେ ଏକ ନୂତନ ବୃଦ୍ଧାଶ୍ରମ ରବିବାର ଲୋକାର୍ପିତ ହୋଇଥିବା ଜଣାପଡ଼ିଛି। ଏହି ବୃଦ୍ଧାଶ୍ରମରେ ୨୦୦ ନିରୀହା ବୃଦ୍ଧା ରହିବାର ସମସ୍ତ ବ୍ୟବସ୍ଥା କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। କଳିଙ୍ଗ ବୈଶ୍ୟ ସଂଘ(ପୁରୀ ଅଞ୍ଚଳ) ଦ୍ୱାରା ନିର୍ମାଣ କରାଯାଇଥିବା ବୃଦ୍ଧାଶ୍ରମର ନାମ "ବାସବୀ' ରଖାଯାଇଥିବା ଜଣାପଡ଼ିଛି। ଏହି ଅବସରରେ କଳିଙ୍ଗ ବୈଶ୍ୟ ସଂଘର ସଭାପତି ପ୍ରଫୁଲ୍ଲ କୁମାର ସେନାପତି, ସମ୍ପାଦକ ମନୋଜ ପାତ୍ର, କୋଷାଧ୍ୟକ୍ଷ ମହେଶ୍ୱର ସେନାପତି, ସହସମ୍ପାଦକ ମଧୁସୂଦନ ମହାପାତ୍ର, ରଘୁନାଥ କଳିଙ୍ଗ ବୈଶ୍ୟ ସଂଘ ସଭାପତି କିଶୋର ମହାପାତ୍ର, ଉଗ୍ରତାରା କଳିଙ୍ଗ ବୈଶ୍ୟ ସଂଘ ସଭାପତି ରବିନ୍ଦ୍ର କୁମାର ପୃଷ୍ଟି, କନ୍ଦନୟାଗଡ଼ କଳିଙ୍ଗ ବୈଶ୍ୟ ସଂଘ ସଭାପତି ନନ୍ଦକିଶୋର ପୃଷ୍ଟିଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଏହି ବୃଦ୍ଧାଶ୍ରମ କଳିଙ୍ଗ ବୈଶ୍ୟ ସଂଘର ସହୟତାରେ ପରିଚାଳିତ ହେବ ବୋଲି ଜଣାପଡ଼ିଛି। ଏହି ସଂଘ ଏକ ଉତ୍ତମ ପରିବେଶ ତଥା ଖାଦ୍ୟପେୟ, ରହିବା କରାଯାଇଥିବା ସମସ୍ତ ବ୍ୟବସ୍ଥା ଉଚ୍ଚକୋଟିର ଥିବା ତଥା ଏହା ଏ ଅଞ୍ଚଳ ପାଇଁ ଆବଶ୍ୟକତା ଥିଲା ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘର ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

# ବଜାରରେ ନକଲି ପାନୀୟଜଳ; ବାଜିରେ ଲାଗୁଛି ଜୀବନ

ଖୋର୍ଦ୍ଧା,୮।୬(ସମିସ): ଜାରି ରହିଛି ଅସହ୍ୟ ଗରମ ଓ ଗୁଳୁଗୁଳି। ଫଳରେ ବଢୁଛି ଥଣ୍ଡା ପାନୀୟଜଳର ଚାହିଦା। ଆଉ ଏହାର ଫାଇଦା ନେଇ ଖୋର୍ଦ୍ଧା ସହର ଓ ଉପକଣ୍ଠର ବିଭିନ୍ନ ସ୍ଥାନରେ ଗଢ଼ିଉଠିଛି ବେଆଇନ ପାଣି କାରଖାନା। ଖୋର୍ଦ୍ଧାରେ ଏହା ଏବେ ପ୍ରାୟ କୁଟୀରଶିଳ୍ପରେ ପରିଣତ ହେଲାଣି। ଘରୋଇ ବିଦ୍ୟୁତ୍ ସଂଯୋଗରେ ଚାଲିଛି ବହୁ ବାଣିଜ୍ୟିକ କାରଖାନା। ଆଉ ବେଆଇନ ଭାବେ ପ୍ରତି ଜାର୍‌ରେ ଥଣ୍ଡା ପାଣି ଭର୍ତ୍ତି କରି ଗାଡ଼ି ଯୋଗେ ସହରର ପ୍ରତି ଘର ଓ ବ୍ୟାବସାୟିକ ଅନୁଷ୍ଠାନରେ ପହଞ୍ଚାଇ ମାସକୁ ଲକ୍ଷ ଲକ୍ଷ ଟଙ୍କାର ମୁନାଫା କମାଉଛନ୍ତି। କେବଳ ଏତିକି ନୁହେଁ ବରଂ ବାହାଘର, ବ୍ରତଘର, ସୁଦ୍ଧିକ୍ରିୟା ହେଲେ ଏମାନଙ୍କର ପୁଷମାସ। କିନ୍ତୁ ଏହି ପାଣି ଉପଯୁକ୍ତ ମାନର କି ନୁହେଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଯେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ନ କରିବ, ତାହାକୁ ଏଡ଼ାଇ ଦିଆଯାଇ ନ ପାରେ। ଫଳରେ ଜଣ୍ଡିସ ଭଳି ବିଭିନ୍ନ ମାରାତ୍ମକ



ରୋଗର ବାହକ ହେବ। ଦିନତମାମ ବଜାରରେ ଏଭଳି ପାଣି ଧରି ଗୋଟେ ପରେ ଗୋଟେ ଗାଡ଼ି ବୁଲୁଥିଲେ ମଧ୍ୟ ପ୍ରଶାସନ ସବୁ ଜାଣି ନ ଜାଣିବାର ଅଭିନୟ କରୁଛି।

ସୂଚନାଯୋଗ୍ୟ, ମିନେରାଲ୍ ୱାଟର ତିଆରି ପାଇଁ କେତେକ ପରୀକ୍ଷା ନିରୀକ୍ଷା କରାଯାଏ। ପାଣିକୁ ପ୍ରଥମେ ଭଲ ଭାବେ ବିଶୋଧନ ଓ ଜୀବାଣୁମୁକ୍ତ କରାଯାଏ। ୟୁଭି(ଅଲ୍ଟ୍ରା ଭାଓଲେଟ୍), ଓଜୋନ୍ ଏବଂ ଆର୍‌ଓ(ରିଜର୍ଭ ଓମୋସିସ୍) ପ୍ରକ୍ରିୟା କରାଯାଏ। ପାଣି ବଜାରକୁ ଛଡ଼ାଯିବା ପୂର୍ବରୁ ଏହାକୁ ଭଲ ଭାବେ ପରୀକ୍ଷା କରାଯାଏ। ଏଥିସହିତ ପାଣି ଉତ୍ପାଦନ କମ୍ପାନୀ ଆଇଏସ୍ଆଇ ମାର୍କ ପାଇବା ସହ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନ କର୍ତ୍ତୃପକ୍ଷ (ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ) ସମେତ ସ୍ଥାନୀୟ ପ୍ରଶାସନର ଅନୁମତି ନେବା ବାଧ୍ୟତାମୂଳକ ରହିଛି। ପ୍ରସ୍ତୁତ ପାଣି ବୋତଲ ବା ଜାର୍ ଉପରେ ବ୍ୟାଚ୍ ନମ୍ବର ସହ ଉତ୍ପାଦନ ତାରିଖ ସ୍ପଷ୍ଟ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯୋଗାଯାଉଥିବା ପାଣି କେତେଦିନ ପର୍ଯ୍ୟନ୍ତ ବ୍ୟବହାରଯୋଗ୍ୟ ତାହା ମଧ୍ୟ ଉଲ୍ଲେଖ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମାତ୍ର ବିଭିନ୍ନ ଘରେ ବା ବ୍ୟାବସାୟିକ ଅନୁଷ୍ଠାନରେ ଯୋଗାଯାଉଥିବା ଜାର୍ ପାଣି ଉପରେ ଉତ୍ପାଦନ ତାରିଖ କି ଅବଧି ଶେଷ ତାରିଖ ଲେଖା ହେଉନି। ଏପରିକି କେଉଁ ତାରିଖରେ ତାହା ଭର୍ତ୍ତି ହୋଇ କେତେଦିନ ପର୍ଯ୍ୟନ୍ତ ବ୍ୟବହାରଯୋଗ୍ୟ ତାହା ଗ୍ରାହକମାନେ ଜାଣିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଏଥିସହିତ ବାସିପାଣି ମଧ୍ୟ ଯୋଗାଯାଉଥିବା କେତେକ ଗ୍ରାହକ ଅଭିଯୋଗ ଆଣିଛନ୍ତି।

### କୁଟୀରଶିଳ୍ପ ପାଲଟିଛି ବେଆଇନ୍ ପାନୀୟଜଳ କାରଖାନା

ଅନ୍ୟପକ୍ଷରେ ନିମ୍ନମାନର ପାନୀୟଜଳ ଅନେକ ପେଟ ରୋଗ ସହ ମାରାତ୍ମକ ରୋଗର କାରଣ ହୋଇପାରେ। ଯାହା ସ୍ୱାସ୍ଥ୍ୟାବସ୍ଥା ବିଗାଡ଼ି ଦେଇପାରେ। ଏଭଳି ପାନୀୟଠାରୁ ସବୁବେଳେ ଦୂରରେ ରହିବା ଦରକାର ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି। ମାତ୍ର ସ୍ୱାସ୍ଥ୍ୟ ବିଭାଗ କି ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉନାହିଁ। ତେଣୁ ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେଇ ସହରରେ ଚାଲିଥିବା ସମସ୍ତ ପାଣି କାରଖାନାକୁ ଯାଞ୍ଚ କରି ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଘରୁ ଲୁଟିନେଲେ ଅଳଙ୍କାର ଓ ଟଙ୍କା

ବେଗୁନିଆ,୮।୬(ସମିସ): ବେଗୁନିଆ ବ୍ଲକ୍ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଲେଖନପୁର ଗ୍ରାମର ଗୋବର୍ଦ୍ଧନ ପଟ୍ଟନାୟକଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବାର ପୁଲିସ ନିକଟରେ ଅଭିଯୋଗ ହୋଇଛି। ଘରର ଝରକା ଭାଙ୍ଗି ପରିବାର ଲୋକେ ଶୋଇଥିବା ଅବସ୍ଥାରେ ଦୁର୍ବୃତ୍ତମାନେ ସୁନା ଗହଣା ଓ ନଗଦ ଅର୍ଥ ଲୁଟି ନେଇଛନ୍ତି। ଏହି ଘଟଣାରେ ବାଘମାରୀ ଥାନାଧିକାରୀ ଶମ୍ଭୁନାଥ ନାୟକ ଓ ଉପ ନିରୀକ୍ଷକ ଚନ୍ଦନ ଦାସ ଖବର ପାଇ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଦୁଇଟି ଘରର ତାଲା ଭାଙ୍ଗି ଚେନ୍ ୧ଟି, ମୁଦି ୬ଟି, କାନଫୁଲ ୧ ହଳ ଓ ନଗଦ ୧୨ ହଜାର ଟଙ୍କା ଲୁଟି ନେଇଥିବାର ଲିଖିତ ଅଭିଯୋଗ ହୋଇଛି।

## ପୋଖରୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଜଟଣୀ,୮।୬(ସମିସ): ରବିବାର ଅପରାହ୍ଣରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ପୋଖରୀରୁ ଉଦ୍ଧାର କରିଛି ଅଗ୍ନିଶମ ବିଭାଗ। ଜଟଣୀ ଥାନା ଅନ୍ତର୍ଗତ ହାଟବଜାର ୱାର୍ଡ ନମ୍ବର-୧୫ର ଏକ ପୋଖରୀରେ ଜଣେ ବ୍ୟକ୍ତି ପଡ଼ି ରହିଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ଉକ୍ତ ବ୍ୟକ୍ତିଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡ଼ିବା ପରେ ଜଟଣୀ ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମେଡିକାଲକୁ ପଠାଇଥିଲା। ଏନେଇ ତଦନ୍ତ ଜାରି ରଖିଥିବା ଜଟଣୀ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଗୋମାଂସ, କାର୍ ଜବତ; ଜଣେ ଗିରଫ

ଖୋର୍ଦ୍ଧା,୮।୬(ସମିସ): ଆଦର୍ଶଥାନା ପୁଲିସ ତରତୁଆରେ ଚଢ଼ଉ କରି ଗୋମାଂସ ସମେତ ଏକ କାର୍‌କୁ ଜବତ କରିଛି। ଏହି ଘଟଣାରେ ପୁଲିସ ତରତୁଆ ଗ୍ରାମର ଅବଦୁଲ୍ ରହେମାନ୍ (୩୦)ଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁସାରେ, ଅବଦୁଲ ତରତୁଆରୁ ଏକ କାର୍ ଯୋଗେ ଗୋମାଂସ ଚାଲାଣ କରୁଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇ ଚଢ଼ଉ କରିଥିଲା। ପୁଲିସ ଚଢ଼ଉ ଦେଖି ଘଟଣାସ୍ଥଳରୁ ତରତୁଆର ନସିମ ଖାନ୍ ଓ ଲୋଟନ ଖାନ୍ ପ୍ରମୁଖ ଦୁଇଜଣ ଘଟଣାସ୍ଥଳରୁ କୌଶଳକ୍ରମେ ଖସିଯାଇଥିଲେ। ଚଢ଼ଉବେଳେ ପୁଲିସ ଗାଡ଼ିକୁ ଯାଞ୍ଚ କରିବାରେ ସେଥିରୁ କଟା ଗୋ-ମାଂସ ଜବତ କରିଛି। ଜବତ ଗୋ-ମାଂସ ପ୍ରାୟ ୬୦ରୁ ୭୦ କେଜି ହେବ ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରକାଶ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି। ଫେରାର୍ ଥିବା ଦୁଇଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି, ଗିରଫ ରହେମାନ ଓ ଫେରାର୍ ନସିମ୍ ଉଭୟ ମଦ୍ରାସାର ମୌଲବୀ ଭାବେ କାର୍ଯ୍ୟ କରୁଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

# ଶ୍ରୀରଙ୍ଗନାଥ ଦେବଙ୍କ ଗୁଆଲି ଯାତ୍ରା ସମ୍ପନ୍ନ

ବାଣପୁର,୮।୬(ସମିସ): ବାଣପୁରର ଆରାଧ୍ୟ ଦେବ ଶ୍ରୀରଙ୍ଗନାଥ ଦେବଙ୍କ ସହିତ ରୁକ୍ମିଣୀଙ୍କ ବିବାହ ଉତ୍ସବ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଶୁକ୍ରବାର ନୀତିକାନ୍ତି ସହକାରେ ସମ୍ପନ୍ନ ହୋଇଛି। ବରପିତା ଭାବେ ଦେବଦତ୍ତ ପାଣି ଓ କନ୍ୟା ପିତା ଭାବେ ଶ୍ୟାମସୁନ୍ଦର ମିଶ୍ର ରୁକ୍ମିଣୀଙ୍କ କନ୍ୟାଦାନ କରିଥିଲେ। ଶନିବାର ଚମ୍ପକ ଦ୍ୱାଦଶୀ ତିଥି ଦେବ ଦମ୍ପତିଙ୍କ ଗୁଆଲି ଯାତ୍ରା ସମ୍ପନ୍ନ ହୋଇଛି। ମନ୍ଦିରରେ ମହାପ୍ରଭୁ ସକାଳ ଧୂପ ଓ ଭୋଗମଣ୍ଡପ ଭୋଗ ନୀତି ବଢ଼ିବା ପରେ ଭିତରେ ମହାପ୍ରଭୁଙ୍କ ଆଲଟଲାଗି ହୋଇଥିଲା। ପରେ ତିନିବାଡ଼ରେ ମହାସ୍ନାନ ନୀତି ବଢ଼ି ନୂଆ ଲୁଗା ଲାଗି ହୋଇଥିଲା। ପୂଜକ ଚନ୍ଦ୍ରଶେଖର ହୋତା ଚନ୍ଦନ ବିଜେ କରାଇ ଆଣି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସର୍ବାଙ୍ଗ ଲାଗି



ନୀତି କରିବା ପରେ ବେଶ ବଢ଼ି ମଧ୍ୟାହ୍ନ ଧୂପ ହୋଇଥିଲା। ଧୂପ ସରି ପାଣି ପଡ଼ିବା ପରେ ନବବିବାହିତା ବରକନ୍ୟା ଲକ୍ଷ୍ମୀ ତଥା ରୁକ୍ମିଣୀ ଓ ମଦନମୋହନ ଭିତରକୁ ବିଜେ କରିଥିଲେ। ଭିତରେ ବନ୍ଦାପନା ହେବା ପରେ ବରକନ୍ୟା ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ ହୋଇଥିଲେ। ସେବକ ପାଲିଙ୍କିକୁ ମନ୍ଦିର ଭିତର ବେଢ଼ାରେ ଗୋଟିଏ ଘେରା ପରିକ୍ରମା କରାଇ ଦେବ ଦମ୍ପତିଙ୍କୁ ମନ୍ଦିର ଭିତରକୁ ନେଇଥିଲେ। ଅଗଣାରେ ପଡ଼ିଥିବା ସୁସଜ୍ଜିତ ଖଟରେ ବରକନ୍ୟାଙ୍କୁ ବିଜେ କରାଯାଇଥିଲା। ନୀତି ସରିବା ପରେ ବରକନ୍ୟା ପାଲିଙ୍କିରେ ବିଜେ ହୋଇ ମନ୍ଦିରକୁ ବିଜେ କରି ଦକ୍ଷିଣ ଘରକୁ ଫେରିବାରେ ମନ୍ଦିରରେ ସନ୍ଧ୍ୟାଧୂପ ଶେଷ ହୋଇଥିଲା।

● ପଞ୍ଚାୟତସ୍ତରୀୟ କ୍ରିକେଟ୍ ଲିଗ୍

## ଜଟିଆଣି ୱାରିୟର୍ସ ଚାମ୍ପିଅନ୍

ବେଗୁନିଆ,୮।୬(ସମିସ): ବେଗୁନିଆ ବ୍ଲକ୍ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମସ୍ଥିତ ବାବା ଲୋକନାଥ ଦେବ କ୍ରିକେଟ୍ କ୍ଲବ୍ ପକ୍ଷରୁ ପଞ୍ଚାୟତସ୍ତରୀୟ କ୍ରିକେଟ୍ ଲିଗ୍ ମ୍ୟାଚ୍ ଉଦ୍‌ଯାପିତ ହୋଇଛି। ମହାକାଳ ଇଲେଭେନ ଓ ମା' ଜଟିଆଣି



ୱାରିୟର୍ସ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ମହକାଳ ଇଲେଭେନ ୬୦ ରନ୍ ସଂଗ୍ରହ କରିଥିବାବେଳେ ଜଟିଆଣି ୱାରିୟର୍ସ ୬ ୱିକେଟ୍ ହରାଇ ୬୧ ରନ୍ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା। ଖେଳକୁ ଓମ୍‌କାର ଗଜେନ୍ଦ୍ର ଓ ବିପିନ ସାମନ୍ତରାୟ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ସରପଞ୍ଚ ଅକ୍ଷୟ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଯଥାକ୍ରମେ ଟ୍ରଫି ସହ ୨୨ ହଜାର ଓ ୧୮ ହଜାର ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ।

■ ବେତରଜଙ୍ଗରେ ପୂଜ୍ୟପୂଜାକୁ ଅସମ୍ମାନ

## ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ଅସନ୍ତୋଷ

ନିରାକାରପୁର,୮।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଫାଣ୍ଡି ଶଗଡ଼ଭଙ୍ଗା ପଞ୍ଚାୟତ ବେତରଜଙ୍ଗ ଗ୍ରାମ ବାଲୁଙ୍କେଶ୍ୱର ଦେବ ଉଚ୍ଚ



ବିଦ୍ୟାଳୟ ମଧ୍ୟରେ ସ୍ଥାପିତ ହୋଇଥିବା ସ୍ୱର୍ଗତ ରାଜକିଶୋର ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ନେଇ ରବିବାର ସନ୍ଧ୍ୟାରେ ଫାଣ୍ଡିରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି, ବିଦ୍ୟାଳୟ ପ୍ରତିଷ୍ଠାରେ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରମୁଖ ଭୂମିକା ଥିବାରୁ ସରକାରଙ୍କ ଅନୁମତିରେ ତାଙ୍କ ପ୍ରତିମୂର୍ତ୍ତି କିଛି ଦିନ ତଳେ ଉନ୍ମୋଚିତ ହୋଇଥିଲା। କିନ୍ତୁ କେହି ଦୁର୍ବୃତ୍ତ ଉକ୍ତ ପ୍ରତିମୂର୍ତ୍ତିର ମୁଣ୍ଡ କାଟି ଅଲଗା କରିଦେଇଛନ୍ତି। ସେହିପରି ପୂର୍ବରୁ ବି ଥରେ ଏହି ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତ ଭାଙ୍ଗିଥିଲେ ବୋଲି ଅଭିଯୋଗରୁ ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ ସ୍ୱର୍ଗତ ରାଜକିଶୋରଙ୍କ ପୁତ୍ର ତାପସ ରଞ୍ଜନ ପଟ୍ଟନାୟକ ଥାନାରେ ଅଭିଯୋଗ କରିଥିବାବେଳେ ସିକୋ ଫାଣ୍ଡି ଅଧିକାରୀ ଏହାର ତଦନ୍ତ କରିବେ ବୋଲି ଜଣାଇଛନ୍ତି।

# ଫୁଟିଲା ୧୩ ନାଗ ଅଣ୍ଡା

■ ମାସେ ତଳେ ଗୁହାଳ ଘରୁ ଉଦ୍ଧାର ହୋଇଥିଲା

ପିପିଲି, ୮।୬(ସମିସ): ଗତ ମେ' ୧୨ତାରିଖରେ ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅନ୍ତର୍ଗତ ସାଁପୁର ଗ୍ରାମର ଲକ୍ଷ୍ମୀଧର ପ୍ରଧାନଙ୍କ



ଗୁହାଳ ଘରୁ ଏକ ନାଗୁଣୀ ସହ ୧୩ଟି ଅଣ୍ଡାକୁ ଉଦ୍ଧାର କରାଯାଇଥିଲା। ନାଗୁଣୀକୁ ଏକ ପ୍ରାକୃତିକ ଆବାସସ୍ଥଳୀରେ ଛଡ଼ାଯାଇଥିବା ବେଳେ ଅଣ୍ଡାଗୁଡ଼ିକୁ କୃତ୍ରିମ ଭାବେ ଫୁଟାଇବା ପାଇଁ ଯୋଜନା କରାଯାଇ ଏକ ପେଟି ଭିତରେ ରଖାଯାଇଥିଲା। ରବିବାର ଏହି ସବୁ ଅଣ୍ଡାରୁ ୧୩ଟି ଛୁଆ ଫୁଟିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗ୍ରାମର ଲକ୍ଷ୍ମୀଧର ପ୍ରଧାନଙ୍କ ଗୁହାଳ ଘରେ ଗତ ମେ' ୧୨ତାରିଖରେ ଏକ ନାଗ ସାପ ଭାଡ଼ି ତଳକୁ ଯିବାର ଦେଖିଥିଲେ। ସାପକୁ ବାହାର କରିବା ପାଇଁ ଚେଷ୍ଟା କରିବାବେଳେ ସାପଟି ଭାଡ଼ି ତଳେ ଥିବା ଏକ ଗାତ ଭିତରେ ପଶିଗଲା। ଆଉ କିଛି ଉପାୟ ନ ପାଇ ଲକ୍ଷ୍ମୀଧର ସ୍ନେକ୍ ହେଲ୍ପଲାଇନକୁ ଫୋନ୍ କରିଥିଲେ। ଖବର ପାଇ ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ସୁଶାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ସେଇ ଗୁହାଳ ଘର ଭାଡ଼ିରେ ଥିବା ସବୁ ଜିନିଷ ବାହାର କରିବା ପରେ ସାପଟି ଯେଉଁ ଗାତରେ ପଶିଥିଲା ସେଇଠି କୋଦାଳ ନେଇ ଖୋଳିବାବେଳେ ପ୍ରଥମେ କିଛି ଅଣ୍ଡା ଥିବାର ଦେଖାଯାଇଥିଲା। ଅଣ୍ଡା ଦେଖିବା ପରେ ସେଇ ଗାତକୁ ଅତି ଧୀରେଧୀରେ ଖୋଳିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଶାନ୍ତ। ପ୍ରଥମେ ଅଣ୍ଡାଗୁଡ଼ିକୁ ଉଦ୍ଧାର କରି ଏକ କାଗଜ ପେଟି ଭିତରେ ରଖିଥିଲେ। ଏହାପରେ ଗୁହାଳ ଚଟାଣକୁ ଖୋଳିବା ପରେ ଗାତ ଭିତରେ ନାଗୁଣୀ ଦେଖାଯାଇଥିଲା। ସୁଶାନ୍ତ ଉକ୍ତ ୪ ଫୁଟ୍ ଲମ୍ବର ନାଗୁଣୀକୁ ଗାତ ଭିତରୁ ଉଦ୍ଧାର କରି ବନ ବିଭାଗର ପରାମର୍ଶ ଅନୁଯାୟୀ, ଅନ୍ୟତ୍ର ଏକ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଥିଲା ଏବଂ ଉଦ୍ଧାର ହୋଇଥିବା ୧୩ଟି ଅଣ୍ଡାକୁ କୃତ୍ରିମ ଉପାୟରେ ଫୁଟେଇବା ପାଇଁ ରଖାଯାଇଥିଲା। ରବିବାର ସକାଳୁ ୧୩ଟି ଅଣ୍ଡାରୁ ୧୩ ଛୁଆ ଫୁଟିଥିବା ଦେଖିବାକୁ ମିଳିଥିଲା। ସୁଶାନ୍ତ ନାଗ ଛୁଆମାନଙ୍କୁ ନେଇ ପାଣି ଥିବା ଏକ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଛି।

ସ୍ନେକ୍ ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଏବେ ଓଡ଼ିଶାର ସବୁ ଆଡ଼େ ନାଗ ସାପ ଅଣ୍ଡା ଫୁଟିବା ଆରମ୍ଭ ହୋଇଗଲାଣି। ବର୍ଷା ଦିନେ ଲୋକଙ୍କ ବାଡ଼ି ବଗିଚାରେ ଅନାବନା ଘାସ ସବୁ ବଢ଼ି ଯାଇଥାଏ। ତୁରନ୍ତ ନିଜର ବାଡ଼ି ବଗିଚା ସଫା କରିଦେବା ପାଇଁ ପରାମର୍ଶ ଦେଇଛନ୍ତି।

● କାଳିବତୀ କମ୍ପାନୀ ଶ୍ରମିକ ମୃତ୍ୟୁ ଘଟଣା; ପ୍ରଶାସନର ଉଦାସୀନତା, ଦଲାଲ୍‌ଙ୍କ ଫାଇଦା

# ମୃତକଙ୍କ ପରିବାରକୁ ଅଢ଼େଇ ଦେଇ ଅଢ଼େଇ ଲକ୍ଷ ବାଣ୍ଟିନେଲେ

ନିରାକାରପୁର,୮।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ କାଳିବତୀ ମୌଜାରେ ନିର୍ମାଣାଧୀନ ଏକ କମ୍ପାନୀରେ କାର୍ଯ୍ୟରତ ଜଣେ ଶ୍ରମିକ କାର୍ଯ୍ୟରତ ଥିବାବେଳେ ଉପରୁ ଖସିପଡ଼ି ପ୍ରାଣ ହରାଇଥିବା କଥା ଆଲୋଚନା ହେଉଥିବାବେଳେ ଠିକା ସଂସ୍ଥା ତରବରିଆ ଭାବେ ଆଇନ ଜାଲରୁ ଖସିବା ପାଇଁ ଦଲାଲଙ୍କ ମାଧ୍ୟମରେ ଚାପ ପକାଇ ମୃତ ଶ୍ରମିକଙ୍କ ପରିବାରକୁ କିଛି ଅର୍ଥ ରାଶି ପ୍ରଦାନ କରି ଖସି ଯାଇଥିବା ଚର୍ଚ୍ଚା ଚାଲିଛି। ରବିବାର ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ବି ପ୍ରଶାସନର ଉଦାସୀନତା ଦଲାଲ୍‌ମାନଙ୍କୁ ସୁହାଇଛି। ଶୁଣିବାକୁ ମିଳୁଛି ମୃତ ଶ୍ରମିକଙ୍କ ଶବ ବ୍ୟବଚ୍ଛେଦ ନ କରି ତାଙ୍କ ପରିବାର ଉପରେ ଚାପ ପ୍ରୟୋଗ କରି ଠିକା ସଂସ୍ଥାରୁ ୫ ଲକ୍ଷ ନେଇ ମୃତକଙ୍କ ପରିବାରକୁ ମାତ୍ର ଅଢ଼େଇ ଲକ୍ଷ ପ୍ରଦାନ କରି ଆଉ ଅଧେକ ଭାଗ ବାଣ୍ଟି ନେଇ ଯାଇଛନ୍ତି।

ପ୍ରଶ୍ନ ଉଠେ ଯଦି ଏମିତି ଜଣେ ଗରିବ ଶ୍ରମିକଙ୍କ ମୃତ୍ୟୁ ପରେ ଏହାକୁ ବାହାରେ ବାହାରେ ରଫାଦଫା କରାଯିବ କ'ଣ ଏଥି ପାଇଁ କୌଣସି ଆଇନ କାନୁନ୍ ଲାଗୁହେବ ନାହିଁ କି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ନାହିଁ। କେବଳ ଏଥିପାଇଁ ଅଭିଯୋଗର ଆବଶ୍ୟକତା ନିହାତି ଆବଶ୍ୟକ। ପ୍ରକାଶଥାଉ କି, ଜଙ୍କିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ଓ କାଳିବତୀ ମୌଜାରେ ପ୍ରାୟେ ୨୭ଟିରୁ ଊର୍ଦ୍ଧ୍ୱ କମ୍ପାନୀ ନିର୍ମାଣ କରାଯାଉଥିବାବେଳେ ଶନିବାର କାଳିବତୀରେ ନିର୍ମାଣ ହେଉଥିବା ଏକ କମ୍ପାନୀରେ ଜଣେ ଶ୍ରମିକ ଉଚ୍ଚତାରେ ଚଢ଼ି କାର୍ଯ୍ୟ କରୁଥିଲେ। ସେ କୌଣସି କାରଣରୁ ତଳକୁ ଖସି ପଡ଼ିବାରୁ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ କମ୍ପାନୀ ଠିକା ସଂସ୍ଥା ଖୋର୍ଦ୍ଧା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶ୍ରମିକ ଜଣକଙ୍କ ଘର ନୟାଗଡ଼ ଜିଲ୍ଲାରେ ବୋଲି ଶୁଣିବାକୁ ମିଳୁଛି। ସେ ଗୋଡ଼ିପଡ଼ାରେ ଭଡ଼ାରେ ରହିଆସୁଥିଲେ। ଖୋର୍ଦ୍ଧାରେ ମୃତକଙ୍କ ପରିବାରକୁ କିଛି ଅର୍ଥ ରାଶି ପ୍ରଦାନ କରି ଏହି ମାମଲାକୁ ଚାପି ଦିଆଯାଇଥିବା ସୂଚନା ମିଳୁଛି।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ବାଲୁଗାଁ,୮।୬(ସମିସ): ୧୬ ନମ୍ବର ଜାତୀୟ ରାଜପଥର ପାଇକୋଶଡିହ ଛକର ନିକଟରେ ରବିବାର ପୂର୍ବାହ୍ଣରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ବୟସ ପ୍ରାୟ ୫୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି।

ଘଟଣାରୁ ପ୍ରକାଶ, ରବିବାର ସକାଳେ ପାଇକୋଶଡିହ ଛକ ନିକଟରେ ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖି ବାଲୁଗାଁ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବାବେଳେ କୌଣସି ଏକ ଅଜଣା ଗାଡ଼ି ଭୋର୍ ସମୟରୁ ମହିଳାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଅନୁମାନ କରାଯାଉଛି।

ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବାବେଳେ ରାସ୍ତା ଉପରେ କ୍ଷତବିକ୍ଷତ ମୃତଦେହ ପଡ଼ି ରହିଥିଲା। ଏଯାବତ୍ ମୃତକଙ୍କର ପରିଚୟ ମିଳିପାରି ନ ଥିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ କିଛି ଜଣାପଡ଼ି ନାହିଁ।

ବେଗୁନିଆ-ବଡ଼ବେରଣା ଗ୍ରାମ୍ୟ ଉନ୍ନୟନ ରାସ୍ତା

# ଖାଲଖମା ଯୋଗୁଁ ଯାତାୟାତରେ ଯନ୍ତ୍ରଣା

ବେଗୁନିଆ,୭।୬(ସମିସ): ବେଗୁନିଆ ସଦର ମହକୁମାର ପୋଷ୍ଟ ଅଫିସ ଛକଠାରୁ ବଡ଼ବେରଣା ଗ୍ରାମ୍ୟ ଉନ୍ନୟନ ରାସ୍ତା ଖାଲଖମା ହୋଇଥିବା ଯୋଗୁଁ ଦିନକୁ ଦିନ ଯାତାୟାତରେ ଯନ୍ତ୍ରଣା ଦେଉଥିବାବେଳେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ବ୍ୟାପିବାରେ ଲାଗିଛି।



ସୂଚନା ଅନୁଯାୟୀ, ବେଗୁନିଆ-ବଡ଼ବେରଣା ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ୪.୦୨ କିମି ରହିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧ କୋଟି ୯୩ ଲକ୍ଷ ୭୦ ହଜାର ଟଙ୍କା ଅନୁଦାନରେ ଠିକାସଂସ୍ଥା ଦ୍ୱାରା ୨୦୧୭ରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ରେ ସମ୍ପୂର୍ଣ୍ଣ ହୋଇଥିଲା। ୫ବର୍ଷ ଭିତରେ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଧାର୍ଯ୍ୟ ସମୟ ଶେଷ ହୋଇଯାଇଥିବାରୁ ବର୍ତ୍ତମାନ ପରିପ୍ରେକ୍ଷୀରେ ରାସ୍ତାଟିର ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ପ୍ରାୟ ସବୁବେଳେ ଦୁର୍ଘଟଣାମାନ ଘଟୁଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଲଘୁ ଓ ଭାରୀଯାନ, ଜନସାଧାରଣ, ପଥଚାରୀ, ଛାତ୍ରଛାତ୍ରୀ, ଚିକିତ୍ସାଳୟ, ହାଟ, ସମସ୍ତ କାର୍ଯ୍ୟାଳୟକୁ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣାବିକା ପାଇଁ ଯାତାୟାତ କରିଥା'ନ୍ତି। ଏପରିକି ଅଦିନିଆ ବର୍ଷା ହେଲେ ରାସ୍ତା ଉପରେ ହୋଇଥିବା ଖାଲରେ ପାଣି ଜମି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ମରାମତି କରିବାକୁ କଂଗ୍ରେସ ଦଳର ସଂଖ୍ୟା ଲଘୁ ସମ୍ପ୍ରଦାୟର ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ସାମ୍ବାଦିକ ଭଗବାନ ପଣ୍ଡା, ସମାଜସେବୀ କାଳନ୍ଦୀ ଚରଣ ମହାପାତ୍ର, ଲଡୁ କିଶୋର ପଟ୍ଟନାୟକ, ଅମ୍‌ଜାଦ ଖାଁ ଓ ପୂର୍ବତନ ସମିତିସଭ୍ୟ ଅଜୟ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ ଓ ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜଙ୍କ ସମେତ ବହୁ ବ୍ୟକ୍ତି ଦାବି କରିଛନ୍ତି। ଏଥିପାଇଁ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରବୀନ୍ଦ୍ର ଜେନାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ଉଠାଇ ନ ଥିଲେ।

## ବାଲୁଗାଁ-ବାଣପୁରରେ ପବିତ୍ର ଇଦ୍-ଉଜ୍-ଜୁହା ପାଳିତ

ବାଲୁଗାଁ,୮।୬(ସମିସ); ବାଲୁଗାଁ-ବାଣପୁର ମୁସଲିମ୍ ସମ୍ପ୍ରଦାୟର ଲୋକେ ଶନିବାର ଇଦ୍-ଉଜ୍-ଜୁହା ପାଳନ କରିଛନ୍ତି। ବାଲୁଗାଁ ଏନ୍ଏସି ଅଧୀନ ମୁସଲିମ ସାହିରେ ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ମୁସଲିମ୍ ଭାଇ-ଭଉଣୀମାନେ ସକାଳୁ ନୂତନ ବସ୍ତ୍ର ପରିଧାନ କରି ପରସ୍ପରକୁ ଇଦ୍ ମୁବାରକ୍ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଏହି ତ୍ୟାଗର ପର୍ବକୁ ବାଲୁଗାଁ ସହ ବାଣପୁର ବଜାର ମୁସଲିମ୍ ସାହି, ବଡ଼ହନ୍ତୁଆଡ଼, ନୌପୋତାଲିମ୍ କେନ୍ଦ୍ର ଚିଲିକା ଛକ, ସଲପଡିହ ଓ ଦୀକ୍ଷିତପଡ଼ା ମୁସଲିମ୍ ବସ୍ତିରେ ଥିବା ମସ୍‌ଜିଦ୍‌ରେ ଇଦ୍-ଉଜ୍-ଜୁହା ପାଳନ ଅବସରରେ ମୁସଲମାନ ଭାଇ-ଭଉଣୀ ସମୂହ ନମାଜପାଠ କରିଥିଲେ।

## ମା' ଉଗ୍ରତାରା ପୀଠରେ ସମ୍ବର୍ଦ୍ଧନା ଉତ୍ସବ

ଟାଙ୍ଗୀ,୮।୬(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ଭୂଷଣ୍ଡପୁରସ୍ଥିତ ମା' ଉଗ୍ରତାରା ପୀଠରେ ବାଲୁଗାଁ ମହାବିଦ୍ୟାଳୟର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୮୧ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ବାଲୁଗାଁ ମହାବିଦ୍ୟାଳୟରେ କାର୍ଯ୍ୟ କରି ପରବର୍ତ୍ତୀ ସମୟରେ ବିଭିନ୍ନ ମହାବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇଥିବା ଅଧ୍ୟାପକ ଓ ଏହିଠାରୁ ଅବସର ନେଇସାରିଥିବା ଅଧ୍ୟକ୍ଷା, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମସ୍ତ ବନ୍ଧୁଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ବିଗତ ଦିନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଅଧ୍ୟକ୍ଷା କସ୍ତୁରୀ ସାହୁ, ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଶିବପ୍ରସାଦ ସାହୁ, ପ୍ରାକ୍ତନ ପ୍ରାଧ୍ୟାପକ ଅରୁଣ କୁମାର ଦାଶ, ରଣପୁର କଲେଜ ପ୍ରାକ୍ତନ ପ୍ରାଧ୍ୟାପକ ଡ. ଚନ୍ଦ୍ରକାନ୍ତ ପାଇକରାୟ, ପ୍ରାକ୍ତନ ଅଧ୍ୟକ୍ଷା



ବିନତୀ ମଞ୍ଜରୀ ରାଉତ, ଡ. କଳ୍ପନା ଦାଶ, ପ୍ରାଧ୍ୟାପିକା ଡ. ଜୟନ୍ତୀ ସାମଲ, ମୀନାକ୍ଷୀ ମହାପାତ୍ର, ରେଣୁବାଳା ଦାସ, ପ୍ରାଧ୍ୟାପକ ଆନନ୍ଦ ଚନ୍ଦ୍ର ଭୋଳ, ଅକ୍ଷୟ ମହାପାତ୍ର, ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଲଡୁ କିଶୋର ପରିଡ଼ା, ବିଜୟ ରାଉତ, ମଧୁସୂଦନ ପ୍ରଧାନ, ପ୍ରଦୀପ ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. କୈଳାସ ମହାରଣା, ଡ. ଅକ୍ଷୟ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ବିଦ୍ୟାଧର ଜୁଝାର ସିଂ, ପ୍ରବିଣ କୁମାର ଜେନା, ସୁଧାକର ପ୍ରଧାନ, ସୁନିଲ କୁମାର ସୁଆର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

